# ସଂକ୍ଷେପରେ

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ଯାଜପୁର ସଦର,୮।୫(ସମର ବିଜୟ ଶରଣ): ଯାଜପୁର ବ୍ଲକ ଅନ୍ତର୍ଗତ ନାଥସାହି ପଞ୍ଚାୟତର ନୂଆପଡ଼ା ଗ୍ରାମରେ ବୁଧବାର ବଜ୍ରପାତ ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ୱେଷ୍ଟ ସିଂଭୁମ ଜିଲା ସୋନୁଆ ଥାନା ଅନ୍ତର୍ଗତ ଭୂତନାସା ଗ୍ରାମର ମାଝୀ ହୋନାଗା(୨୬)। ହୋନାଗା ନୂଆପଡ଼ା ଗ୍ରାମରେ ରହି କାମ କରୁଥିବା ତାଙ୍କ ସାନଭାଇ ଅଜୟ ହୋନାଗାଙ୍କ ପାଖକୁ ବୁଲିବାକୁ ଆସିଥିଲେ। ଅପରାହ୍ନ ୫ଟାରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ହେବାରୁ ହୋନାଗା ଗୁରୁତର ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।

## ଧର୍ମପରାୟଣା ମହିଳାଙ୍କ ପରଲୋକ



ପାଣିକୋଇଲି, ୮।୫ (ବିକାଶ ମଲ୍ଲିକ): ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରତାପ ପହିଙ୍କ ମା' ରତ୍ନପ୍ରଭା ପହିଙ୍କ ୯୫ ବର୍ଷ ବୟସରେ ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ପହି ଜଣେ ଧର୍ମପରାୟଣ ମହିଳା ଭାବେ ବେଶ ପରିଚିତ ଥିଲେ। ଏହି ଖବର ପ୍ରଚାରିତ ହେବା ମାତ୍ରେ ସ୍ଥାନୀୟ ଅଞ୍ଚଳର ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ରାଜନେତା ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପରେ ତାଙ୍କ ମରଶରୀରକୁ ପୈତୃକ ଗ୍ରାମ ଯାଜପୁର ବ୍ଲକ ବେରୁଦା ପଞ୍ଚାୟତ ନେଳିପୁର ଗ୍ରାମକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ସାନପୁଅ ପ୍ରତାପ ମୁଖାଗ୍ନି ଦେଇଥିଲେ।

## ୯ରୁ ମା' ପଳାଶବୁଢ଼ୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଧର୍ମଶାଳା,୮।୫(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁସ୍ଥିତ ମା'ପଳାସବୁଢ଼ୀ ପୀଠରେ ୧୯ତମ ଶପ୍ତସତୀ ଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଆସନ୍ତା ୯ତାରିଖ ଶୁକ୍ରବାର ରାତ୍ରିରେ ଅଙ୍କୁରାରୋପଣ କରାଯିବା। ୧୨ ତାରିଖ ସୋମବାର ରାତ୍ରରେ ପୂର୍ଣ୍ଣାହୁତି ହେବ। ଯଜ୍ଞ ସମୟରେ ନୂଆଗାଁ, କଣିପାଟିଆ, ଗଙ୍ଗାଧରପୁର, ଦେଉଳିପାଳ, ଇମାମନଗର, ପଲାର ଆଦି ଗ୍ରାମରେ ଆମିଶ ଭୋଜନକୁ ବାରଣ କରାଯାଇଛି। ପ୍ରତ୍ୟେହ ପ୍ରାତଃରେ ସୂର୍ଯ୍ୟପୂଜା, ଗୋପୂଜା ଓ ଗୁରୁ ପୂଜା ଅନୁଷ୍ଠିତ ହେବା ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମା' ପଳାସବୁଢ଼ୀ ଯଜ୍ଞ କମିଟି କର୍ମକର୍ତ୍ତା ସୂଚନା ଦେଇଛନ୍ତି।

# ରେଡ୍‌କ୍ରସର ମୂଳମନ୍ତ୍ର ହେଉଛି ମାନବସେବା



ଜିଲାସ୍ତରୀୟ ରେଡ୍‌କ୍ରସ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଯୋଗଦେଇଥିବା ଜନସାଧାରଣ ।

ଯାଜପୁର,୮।୫(ହର୍ଷବର୍ଦ୍ଧନ ବେହେରା) :

### ଯାଜପୁର ଜିଲାସ୍ତରୀୟ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ

ଯାଜପୁର ଜିଲା ପ୍ରଶାସନ ଓ ରେଡ଼କ୍ରସ ଶାଖା ଆନୁକୂଲ୍ୟରେ ଜିଲାସ୍ତରୀୟ ବିଶ୍ୱ ରେଡ଼କ୍ରସ ଦିବସ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ପୂର୍ବାହ୍ନରେ ପାଳିତ ହୋଇଯାଇଅଛି। ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଡ଼କ୍ରସ ଦିବସର ପାଳନ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସେ ଆହୁରି କହିଥିଲେ ରେଡ଼କ୍ରସର ମୂଳମନ୍ତ୍ର ହେଉଛି ମାନବ ସେବା ହିଁ ମାଧବ ସେବା । ଏହା ରେଡ଼କ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଷ୍ଟଙ୍କ ଜନ୍ମଦିନକୁ ମନେ ପକାଏ। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ନାୟକ କହିଥିଲେ ଜରୁରୀକାଳୀନ ପରିସ୍ଥିତି ଅବସ୍ଥା ତଥା ଯୁଦ୍ଧରେ ଆହତମାନଙ୍କୁ ଚିକିତ୍ସା ଯୋଗାଇବା କ୍ଷେତ୍ରରେ ରେଡ଼କ୍ରସ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ କହିଲେ ରେଡ଼କ୍ରସ ସଙ୍ଗଠନର ପ୍ରତିଷ୍ଠାତା ହେନେରୀ ଡୁନାଷ୍ଟ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ୧୯୦୧ ମସିହାରେ ପ୍ରଥମେ ନୋବେଲ ଶାନ୍ତି ପୁରସ୍କାର ପ୍ରାପ୍ତ କରିଥଲେ ଏବଂ ପରେ ରେଡ଼କ୍ରସକୁ ପୁନରାୟ ୨ ଥର ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା । ଜିଲା ରେଡ଼କ୍ରସ ଶାଖାର ବରିଷ୍ଠ କାର୍ଯ୍ୟନିର୍ବାହୀ ସଦସ୍ୟ ଦିଗମ୍ବର କର ଓ ରମାକାନ୍ତ ଜେନା ଯୋଗଦେଇ ରେଡ଼କ୍ରସ ମେମ୍ବର ସଂଖ୍ୟା ବୃଦ୍ଧି କରିବା, ବିଭାଗୀୟ ଅଧିକାରୀମାନେ ରେଡ଼କ୍ରସ ପାଣ୍ଠି ବୃଦ୍ଧି ପାଇଁ ସହଯୋଗ କରିବା, ସ୍ୱାସ୍ଥ୍ୟ ଶିବିର ଆୟୋଜନ, ବିଡିଓ ଓ ତହସିଲଦାରମାନଙ୍କୁ ଅନ୍ତର୍ଭୁକ୍ତ କରିବା ଏବଂ ରେଡ଼କ୍ରସର ମୌଳିକ ନୀତି ଆଦର୍ଶ ଉପରେ ସଚେତନ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ରେଡ଼କ୍ରସ ଶାଖାର ସମ୍ପାଦକ କୁଳମଣି ନାୟକ ଅତିଥି ପରିଚୟ ଏବଂ ସ୍ୱାଗତ ଅଭିଭାଷଣ ରଖିଥିଲେ। ଗତ ଆର୍ଥିକ ବର୍ଷରେ ୫୬,୯୪,୧୬୭ ଟଙ୍କା ରେଡ଼କ୍ରସ ପାଣ୍ଠିରେ ଆଦାୟ ହୋଇଥିବାବେଳେ ୪୨,୫୭,୦୯୪ ଟଙ୍କା ଖର୍ଚ୍ଚ ହୋଇଥିବା ପ୍ରକାଶ କରିଥିଲେ। ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ପାଣ୍ଠି ପ୍ରଦାନ କରିଥିବା ବିଭାଗୀୟ ଅଧିକାରୀଙ୍କୁ ଅତିଥିମାନେ ଉପଢୌକନ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଯାଜପୁର ଅବକାରୀ ଅଧୀକ୍ଷକ, ଯାଜପୁର ରୋଡ଼ ଖଣି ଉପନିର୍ଦ୍ଦେଶକ ଓ ଧର୍ମଶାଳା ତହସିଲଦାର ଧର୍ମଶାଳା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ସମ୍ମାନିତ ହୋଇଥିଲେ। ଏହି ଦିବସ ଅବସରରେ ଯାଜପୁର ମ୍ୟୁନିସିପାଲିଟି ଅଧ୍ୟକ୍ଷା ରଞ୍ଜୁଲତା ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଣି ମହୁମାଛି ଆକ୍ରମଣରେ ୨ ଗୁରୁତର

ରସୁଲପୁର,୮।୫(ରଞ୍ଜିତ ରାଉତ):



ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପୁଣି ମହୁମାଛିଙ୍କ ଆତଙ୍କ ଦେଖିବାକୁ ମିଳିଛି। ଗୁରୁବାର ଅପରାହ୍ନରେ ମହୁମାଛି ଆକ୍ରମଣରେ ୨ଜଣ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ଭୋଟକା ଗ୍ରାମର ପ୍ରେମାନନ୍ଦ ରାଉତ(୫୦) ଓ କାର୍ତ୍ତିକେଶ୍ୱର ସାହିର ଶୁକଦେବ ଦାସ(୭୦)। ଉଭୟେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଅପରାହ୍ନରେ କାର୍ତ୍ତିକେଶ୍ୱର ସାହିର ଜଣେ ବୃଦ୍ଧାଙ୍କ ମୃତଶରୀରର ଦାହ ସମୟରେ ଅଗ୍ନିରେ ଘିଅ ଆହୁତି ଦିଆଯାଇଥିଲା। ଅଗ୍ନିଶିଖାରୁ ବାହାରୁଥିବା ବାସ୍ନା ପ୍ରଭାବରେ ପଞ୍ଚାୟତ ପାର୍ଶ୍ୱସ୍ଥ ପାଣି ଟାଙ୍କିରେ ଥିବା ମହୁବସାରୁ ମାଛି ଏଣେତେଣେ ଉଡିବାକୁ ଆରମ୍ଭ କରିଥିଲେ। ପରେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ଆକ୍ରମଣ କରିଥିଲେ। ପରିସ୍ଥିତିକୁ ଦେଖି ସାଧାରଣ ଲୋକେ ସେହି ବାଟ ଦେଇ ଯାତାୟାତ ବନ୍ଦ କରିଦେଇଥିଲେ। କିଛି ସମୟ ପରେ ମହୁମାଛି ବସାକୁ ଫେରିଯିବାରୁ ଗମନାଗମନ ସ୍ୱାଭାବିକ ହୋଇଥିଲା। ଗତ ଶନିବାର ଶନିଓଷା ଯଜ୍ଞବେଳେ ଭକ୍ତଙ୍କୁ ମହୁମାଛି ଆକ୍ରମଣ କରିଥିଲେ। ଯଜ୍ଞ କୁଣ୍ଡରେ ଘୃତ ଆହୂତି ଦେବାରୁ ବାସ୍ନାରେ ମହୁମାଛି ବାହାରି ଏଭଳି ଘଟାଇଥିଲେ।

# ଧାଉଡ଼ିଆପଦା ପାହାଡ଼ ତଳେ ନାଳୀ ଖନନ



ଧାଉଡ଼ିଆପଦା ପାହାଡ଼ ତଳେ ନାଳି ଖନନ କରାଯାଉଛି ।

ଚଣ୍ଡିଖୋଲ,୮।୫(ପ୍ରଦୀପ୍ତ କୁମାର ପୃଷ୍ଟି):

### ଗ୍ରାମବାସୀଙ୍କ ବିରୋଧ

ଯାଜପୁର ଜିଲା ବୈରି ରେଞ୍ଜ ଅଧୀନ ଚଣ୍ଡିଖୋଲ ବନ ବିଭାଗ ପକ୍ଷରୁ ଧାଉଡ଼ିଆପଦା ପାହାଡ଼ର ନିମ୍ନଦେଶରେ ନାଳିଖନନ କରାଯାଇଛି। ଜଙ୍ଗଲ ଜନ୍ତୁଙ୍କ ସୁରକ୍ଷା ଓ ବେଆଇନ ପାହାଡ଼ ଖନନକୁ ପ୍ରତିହତ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ମାତ୍ର ଏହାକୁ ଧାଉଡ଼ିଆପଦା ଗ୍ରାମବାସୀ ବିରୋଧ କରି ଯାଜପୁର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଗ୍ରାମବାସୀ ଜିଲାପାଳଙ୍କୁ ଜଣାଇଛନ୍ତି, ପାହାଡ଼ଟି ଚାରିନଙ୍ଗଳ ଓ ଗୋପାଳପୁର ପଞ୍ଚାୟତ ମଧ୍ୟସ୍ଥଳରେ ଅବସ୍ଥିତ। ଗୋପାଳପୁର ପଞ୍ଚାୟତ କଳାଶ୍ରୀ ମୌଜାର ପାହାଡ଼ ଶୀର୍ଷରେ ଷୋଳପୁଅ ମା'ଠାକୁରାଣୀ ଅଛନ୍ତି। ଏହାର ନିମ୍ନଦେଶରେ ଚାରିନଙ୍ଗଳ ମୌଜାର ଶ୍ରୀଶ୍ରୀ ଲକ୍ଷ୍ମୀ ନାରାୟଣ ମଠ ସମ୍ପତ୍ତି ରହିଛି। ୪୭.୫୪ ଡିସିମିଲ ଜମି ଠାକୁରଙ୍କ ସମ୍ପତ୍ତି ରହିଥିବାବେଳେ କିପରି ଜଙ୍ଗଲ ବିଭାଗ ପକ୍ଷରୁ ଏଠାରେ ଖନନ କରାଗଲା ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ସେହିପରି ଏହି ପାହାଡ଼ରେ ହଜାରହଜାର ସଂଖ୍ୟାରେ ଗୋରୁ ଚାରଣ କରିଥାନ୍ତି। ନାଳି ଖନନ ଦ୍ୱାରା ଗୋରୁ ଚରିବାକୁ ଯାଇ ପାରିବେନାହିଁ। ତେଣୁ ଏହି ଖନନକୁ ବନ୍ଦ କରାଯାଉ ବୋଲି ଦୋଳ ଗୋବିନ୍ଦ ଦାସ, ବଟକୃଷ୍ଣ ଦାସ, ରାଜେନ୍ଦ୍ର ପ୍ରସାଦ ଦାସ, ରଶ୍ମିରଞ୍ଜନ ଦାସ, ତ୍ରିଲୋଚନ ଦାସ ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବୈରୀ ରେଞ୍ଜର ଅଦ୍ୱୈତ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ପାହାଡ଼ରୁ ଦୈନିକ ରାତିରେ ବେଆଇନ ଭାବରେ ଖନନ କରାଯାଇ ମୋରମ ଚୋରାଚାଲାଣ କରାଯାଉଛି। ଫଳରେ ବନ୍ୟ ଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି ହେଉଛି। ତେଣୁ ପାହାଡ଼ର ସୁରକ୍ଷା ଓ ବନ୍ୟଜନ୍ତୁଙ୍କ ରକ୍ଷା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

# କଲମଛାଡ଼ ଆନ୍ଦୋଳନ ସ୍ଥଗିତ ରଖିଲା ଅମଲା ସଂଘ



ଅମଲାସଂଘ କର୍ମକର୍ତ୍ତା ଜିଲାପାଳଙ୍କୁ ଭେଟି ଆଲୋଚନା କରୁଛନ୍ତି ।

ଯାଜପୁର ଟାଉନ,୮।୫
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

### କୋର୍ଟରେ କେସ୍ ସମାଧାନ ନ ହେବା ପର୍ଯ୍ୟନ୍ତ ବରୀ ବ୍ଲକରେ କୌଣସି ଅମଳା କାର୍ଯ୍ୟ କରିବେନାହିଁ

ବରୀ ବ୍ଲକର ୨ କର୍ମଚାରୀଙ୍କୁ ବିଧାୟକ ଓ ତାଙ୍କ କର୍ମୀ ମାଡ଼ ମାରିବା ସହ ଦୁର୍ବ୍ୟବହାର କରିବା ଘଟଣା ନେଇ ଅମଲା ସଂଘ ପକ୍ଷରୁ ୩ଦିନ ଧରି ଚାଲିଥିବା କଲମ ଛାଡ଼ ଆନ୍ଦୋଳନ ଗୁରୁବାର ସ୍ଥଗିତ ରଖାଯାଇଛି।

ଦେଶରେ ଯୁଦ୍ଧ ଲାଗିବା ଯୋଗୁ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି। କଲମଛାଡ଼ ଆନ୍ଦୋଳନ ଦ୍ୱାରା ଲୋକଙ୍କର କାର୍ଯ୍ୟ ହୋଇପାରୁ ନ ଥିବାବେଳେ ଜିଲା କାର୍ଯ୍ୟାଳୟରେ ଉନ୍ନୟନ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ଦେଶର ଏଭଳି ପରିସ୍ଥିତିରେ କଲମ ଛାଡ଼ ଆନ୍ଦୋଳନ ସ୍ଥଗିତ ରଖିବା ପାଇଁ ସଂଘ ନିଷ୍ପତ୍ତି ନେଇଛି। ଏନେଇ ସଂଘ କର୍ମକର୍ତ୍ତା ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ସହ ଆଲୋଚନା କରି ୩ ସର୍ତ୍ତ ରଖିଛନ୍ତି। ପୋଲିସ ମାମଲା ସମ୍ପର୍କରେ ଗତ ବୁଧବାର ଏକ ଖବରଦାତା ସମ୍ମିଳନୀରେ ବିଧାୟକ ଓ ତାଙ୍କ ସାଥୀଙ୍କୁ ନୋଟିସ ଦେଇଥିବା ନେଇ ସୂଚନା ଦେଇଛି। ତେଣୁ ମାମଲାର ତଦନ୍ତ ରିପୋର୍ଟ କୋର୍ଟରେ ଦାଖଲ କରିବାକୁ ସଂଘ ଜିଲାପାଳଙ୍କ ନିକଟରେ ଦାବି କରିବା ସହ ବରୀ ବ୍ଲକକୁ କୌଣସି ଅମଲା କାର୍ଯ୍ୟ କରିବାକୁ ଯିବେ ନାହିଁ ବୋଲି ସର୍ତ୍ତରେ ଉଲ୍ଲେଖ କରିଛି। ଯେଉଁ ଅମଲା ୪ଜଣ କାର୍ଯ୍ୟ କରୁଥିଲେ ସେଥିମଧ୍ୟରୁ ମାମଲାର ଅଭିଯୋଗକାରୀ ଅମର ରଞ୍ଜନ ନାୟକ ଓ ଅଶ୍ୱିନୀ ସାହୁଙ୍କୁ ଜିଲାପାଳ ଗତ ୨ଦିନ ତଳେ ଅନ୍ୟତ୍ର ବଦଳି କରିଛନ୍ତି। ଅନ୍ୟ ଦୁଇଜଣଙ୍କ ମଧ୍ୟରୁ ଜଣେ କର୍ମଚାରୀ ଅସୁସ୍ଥତା ଯୋଗୁ ଛୁଟିରେ ଥିବା ବେଳେ ଅନ୍ୟ ଜଣେ ଭୟଭୀତ ଭାବେ କାର୍ଯ୍ୟ କରୁଛନ୍ତି। ଏହି ୨ଜଣଙ୍କୁ ଅନ୍ୟତ୍ର ବଦଳି କରିବା ନିମନ୍ତେ ସଂଘ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି। ସେହିପରି ଅନ୍ୟ ବ୍ଲକରେ କାର୍ଯ୍ୟ କରୁଥିବା ଅମଲାଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ସଂଘ ଜିଲାପାଳଙ୍କୁ ନିବେଦନ କରିଛି। ସଂଘ ଦ୍ୱାରା ରଖାଯାଇଥିବା ୩ଟି ସର୍ତ୍ତ ଉପରେ ଜିଲାପାଳ ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସଂଘ ଜିଲା ସଭାପତି ନିଗମାନନ୍ଦ ମାନ୍ଧାତା ଓ ସମ୍ପାଦକ ମଦନ ମୋହନ ପତି ସୂଚନା ଦେଇଛନ୍ତି।

## କମ୍ପ୍ରେସର, ପୋକ୍‌ଲିନ୍, ୨ ହାଇୱା ଜବତ

ଧର୍ମଶାଳା,୮।୫(ବଟକୃଷ୍ଣ ପରିଡ଼ା):
ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ କଳାପଥର ପାହାଡ଼ରେ ବେଆଇନ୍ ଭାବେ ଖନନବେଳେ ଗୋଟିଏ କମ୍ପ୍ରେସର, ଗୋଟିଏ ପୋକଲିନ୍ ମେଶିନ୍ ସହ ୨ଟି କଳାପଥର ବୋଝେଇ ହାଇୱା ଜବତ କରାଯାଇଛି। ଡଙ୍କାରୀ ତୈଳ ବିଶୋଧନ କାରଖାନା ପାଇଁ ପୂର୍ବରୁ ଦିଆଯାଇଥିବା ଲିଜ୍‌କୁ ବାତିଲ କରାଯାଇଛି। ମାତ୍ର ପଥରମାଫିଆମାନେ ବେଆଇନଭାବେ ଖନନକରୁଥିବା ଖବର ପାଇ ବୁଧବାର ଜେନାପୁର ଥାନା ଅଧିକାରୀ ନିରୁପମା ଜେନା ସଦଳବଳ ଚଢ଼ାଉ କରିଥିଲେ। ଏନେଇ ଥାନାରେ ନଂ.୧୬୫/୨୫ରେ ଏକ ମାମଲା ରୁଜୁ କରାଯାଇଛି।

## ବ୍ରାହ୍ମଣୀ ସେତୁରେ ଦୁର୍ଘଟଣା, ଯୁବକ ଗୁରୁତର

ଜେନାପୁର,୮।୫(ଅଶୋକ ଦାସ): ଯାଜପୁର ଜିଲା ଚଣ୍ଡିଖୋଲ-ଦୁବୁରୀ ୫୩ନଂ. ଜାତୀୟ ରାଜପଥର ବ୍ରାହ୍ମଣୀ ସେତୁରେ ଗୁରୁବାର ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ ରାଇଛନ୍ଦା ପଞ୍ଚାୟତ କଣ୍ଟାପାଟଣା ଗ୍ରାମର ମଙ୍ଗୁଳି ସାହୁ(୨୮)। ମଙ୍ଗୁଳି ଦୁବୁରୀ ପଟରୁ ବ୍ରାହ୍ମଣୀ ବ୍ରିଜ ବଜାର ଆଡକୁ ଏକ ସ୍କୁଟି ଯୋଗେ ଆସୁଥିବାବେଳେ ଅଜଣା ଗାଡ଼ି ତାଙ୍କୁ ସାଇଡ ମାରି ଚାଲିଯାଇଥିଲା। ଫଳରେ ମଙ୍ଗୁଳି ଗୁରୁତର ହୋଇ ରାସ୍ତା କଡ଼ରେ ପଡ଼ିରହିଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡକାଇ ତାଙ୍କୁ ଦାନଗଦି ମେଡିକାଲକୁ ପଠାଇଛନ୍ତି। ସେଠାରେ ସେ ଏବେ ଚିକିତ୍ସାଧୀନ ଅଛନ୍ତି।

# ଘାଗିଆ ସାହିରେ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ

କାଳିଆପାଣି,୮।୫(ଅସିତ ମହାନ୍ତ):
ସୁକିନ୍ଦା ବ୍ଲକ ଅଧୀନ କାଳିଆପାଣି ପଞ୍ଚାୟତର ଘାଗିଆ ସାହିରେ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଦୁଇ ଦିନ ଧରି ଡ୍ରାମା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଓ ଜିଲା ବାହାରୁ ବହୁ ଆଦିବାସୀ ଆସି ଡ୍ରାମାରେ ଭାଗ ନେଇଥିଲେ। ଆଦିବାସୀ କଳା, ସଂସ୍କୃତିକୁ ମଞ୍ଚରେ ପରିବେଷଣ କରି ଅଞ୍ଚଳବାସୀଙ୍କ ମନ ମୋହିଥିଲେ। ଭାଜପା ନେତା ରମଣୀ ରଞ୍ଜନ ବଳସାମନ୍ତ, ବିଦ୍ୟାଧର ପାତ୍ର, ହୃଦାନନ୍ଦ ମହାନ୍ତ, ସାମାଜିକ କର୍ମୀ ମୋତିଲାଲ ମହାନ୍ତ ଯୋଗଦେଇ ଡ୍ରାମାରେ ଅଂଶଗ୍ରହଣ କୃତିତ୍ୱ ହାସଲ କରିଥିବା ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର, ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଡ୍ରାମା କମିଟି ସଭ୍ୟ ବିନୋଦ ମୁର୍ମୁ, ବିନୋଦ ମହାନ୍ତଙ୍କ ସମେତ ଅନ୍ୟସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିଙ୍କଠାରୁ ଡ୍ରାମା ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି ।

# କାଳବୈଶାଖୀରେ ଉପୁଡ଼ିଲା ଗଛ, ଭାଙ୍ଗିଲା ଘର

### ବିଦ୍ୟୁତ୍ ସେବା ବାଧାପ୍ରାପ୍ତ

ରସୁଲପୁର,୮।୫(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ କାଳବୈଶାଖୀ ତାଣ୍ଡବ ରଚିଛି। ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ବଡ଼ବଡ଼ ଗଛ ଉପୁଡ଼ି ରାସ୍ତା, ବିଦ୍ୟୁତ୍ ତାର, ବାସଗୃହ, ବିଦ୍ୟାଳୟ ପାଚେରି ଉପରେ ପଡ଼ିବାରୁ ଏସବୁ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ଝଡ଼ବର୍ଷା ଥମି ଯିବାପରେ ବିଦ୍ୟୁତ୍ କର୍ମଚାରୀ ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ଗୁରୁବାର ସକାଳକୁ ବ୍ଲକର କୁଆଖିଆ ଓ ମଠସାହି ସେକ୍ସସନ ଅଧୀନ କିଛି ଅଞ୍ଚଳରେ ବିଜୁଳି ସେବା ଉପଲବ୍ଧ ହୋଇଥିଲା। ତାହା ପୁଣି ସକାଳ ୮ଟା ପର୍ଯ୍ୟନ୍ତ ତିଷ୍ଠି ଥିଲା। ଲୋକେ ଗରମ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇଥିଲେ। ବିଭିନ୍ନ ସ୍ଥାନରୁ ଟାଟା ପାୱାର ଅଭିଯୋଗ ପ୍ରକୋଷ୍ଠକୁ ଅଭିଯୋଗ ଆସିଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଅଧିକାଂଶ ଅଞ୍ଚଳରେ ବିଜୁଳି




ରାସ୍ତା ଉପରେ ପଡିଥିବା ଗଛକୁ ଅଗ୍ନିଶମ ବାହିନୀ କାଟି ସଫା କରୁଛନ୍ତି ।

ସେବା ଉପଲବ୍ଧ ହୋଇପାରି ନଥିଲା। କାଳବୈଶାଖୀ ଯୋଗୁ ପ୍ରାୟ ୨୪ଘଣ୍ଟା ପର୍ଯ୍ୟନ୍ତ ଉପୋଭକ୍ତାଙ୍କୁ ବିଜୁଳି ସେବାରୁ ବଞ୍ଚିତ ହେବାକୁ ପଡିଥିଲା। ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ପାରିକଇଁଚି ଅଞ୍ଚଳରେ ଏକ ବଡ଼ ବରଗଛ ଜଣେ ବ୍ୟକ୍ତିଙ୍କ ବାସଗୃହ ଉପରେ ଭାଙ୍ଗିପଡ଼ିଥିଲା। ରସୁଲପୁର ପଞ୍ଚାୟତର ସୁଆଁସାହିଠାରେ ଆଦିବାସୀ ଛାତ୍ରାବାସ ନିକଟରେ ଥିବା ବରଗଛ ବିଦ୍ୟାଳୟ ପାଚେରି ଉପରେ ଭାଙ୍ଗି ପଡ଼ିଥିଲା। ଭୋଟକା ପଞ୍ଚାୟତ ରାଉତସାହିର ଗ୍ରାମ୍ୟ ଉନ୍ନୟନ ରାସ୍ତା ଉପରେ ଏକ ପୁରୁଣା ଗଛ ଉପୁଡ଼ି ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ିପଡ଼ି ଅବରୋଧ ହୋଇଥିବା ରାସ୍ତାକୁ ରସୁଲପୁର ଦମକଳ ବାହିନୀର କର୍ମଚାରୀ କାଟି ସଫା କରିବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା। କାଳବୈଶାଖୀ ଯୋଗୁ ଘଟୁଥିବା ବିଦ୍ୟୁତ୍ ବିଭ୍ରାଟକୁ ତ୍ୱରିତ ସମାଧାନ କରିବା ଉପରେ କମ୍ପାନୀ ଗୁରୁତ୍ୱ ଦେବାକୁ ଦାବି ହୋଇଛି। ଏଥିରେ ବ୍ୟତୀକ୍ରମ ଘଟିଲେ ଉପଭୋକ୍ତା ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବା ସହ ବିଦ୍ୟୁତ ବିଲ୍ ପୈଠ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ କ୍ଷତି ଆଶଙ୍କାରେ ଜିଲାବାସୀ

କେନ୍ଦ୍ରାପଡ଼ା,୮।୫ (ଜଗନ୍ନାଥ ଧଳ)

- ୨୦ରୁ ୧୦ ଆଲର୍ଟ କେନ୍ଦ୍ରରେ ବାଜୁନି ସାଇରନ
- ବାତ୍ୟା ଆଶ୍ରୟସ୍ଥଳ ଅସୁରକ୍ଷିତ
- ଦୁର୍ବଳ ନଦୀବନ୍ଧର ମରାମତି ସରୁନି

ସମୁଦ୍ର ତଟବର୍ତ୍ତୀ କେନ୍ଦ୍ରାପଡ଼ା ଜିଲା ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ବୋଲି ରାଜ୍ୟ ଓ କେନ୍ଦ୍ର ସରକାର ଚିହ୍ନଟ କରିଛନ୍ତି। ବନ୍ୟା, ବାତ୍ୟା ସହ ସୁନାମି ଆଶଙ୍କା ଅଛି। ଏପରି କି ସୁନାମି ପାଇଁ ଏହି ଜିଲାର ୬୪ ଗ୍ରାମ ବିପଦସଙ୍କୁଳ ବୋଲି ଚିହ୍ନଟ ହୋଇଛି। ସେହିପରି ପ୍ରତିବର୍ଷ ସାମାନ୍ୟ ବନ୍ୟାରେ ଅନ୍ୟୂନ ୫୫ ଗ୍ରାମରେ ପାଣି ପଶୁଛି। ଅଧିକ ହେଲେ ଜିଲାର ଅର୍ଦ୍ଧାଧିକ ଗ୍ରାମର ଅଧିବାସୀ ହନ୍ତସନ୍ତ ହେଉଛନ୍ତି। ସାମୁଦ୍ରିକ ବାତ୍ୟାର ପ୍ରଭାବ ପ୍ରତିବର୍ଷ ପଡୁଛି। ଏଥିରେ ଧନ ଓ ଜୀବନ ସହ ପରିବେଶ ନଷ୍ଟ ହୋଇଛି। ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ଏ ନେଇ ବୈଠକ କରୁଥିଲେ ମଧ୍ୟ ଅଦ୍ୟାବଧି ଦୁର୍ବଳ ନଦୀବନ୍ଧର ମରାମତି ସରିନାହିଁ। ବାତ୍ୟା ସମୟରେ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେଉଥିବା ବାତ୍ୟା ଆଶ୍ରୟସ୍ଥଳୀକୁ ଜିଲା ପ୍ରଶାସନ ପକ୍ଷରୁ ଅଦ୍ୟାବଧି ଯାଞ୍ଚ କରାଯାଇନାହିଁ। ବାତ୍ୟା ଆଶ୍ରୟସ୍ଥଳୀରେ ଥିବା ଉପକରଣର ତନଖି ହେଉ ନ ଥିବାରୁ ଅଧିକାଂଶ ଆପଦକାଳରେ ଉପଯୋଗୀ ହୋଇପାରୁନାହିଁ। ଏଥିସହ ଜିଲା ଉପାନ୍ତ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ୨୦ ଆଲର୍ଟ କେନ୍ଦ୍ର ମଧ୍ୟରୁ ୧୦ଟିରେ ସାଇରନ ବାଜୁ ନ ଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଶିବାଶିଷ ମହାନ୍ତି, ପରିବେଶବିତ୍ ହେମନ୍ତ କୁମାର ରାଉତ, ଶ୍ରୀକାନ୍ତ ନାୟକ, ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ କହିଛନ୍ତି, ବାତ୍ୟା, ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟରେ ପ୍ରତିବର୍ଷ ଜିଲାବାସୀ ଭୋଗୁଥିବା ଦୁଃଖର ଆଶୁ ନିରାକରଣ ପ୍ରତି ରାଜନେତା ଓ ପ୍ରଶାସକ ଅଣଦେଖା କରିଚାଲିଛନ୍ତି। ଲଘୁଚାପଜନିତ ସାମୁଦ୍ରିକ ଝଡ଼ ଭୟଙ୍କର ହେଲେ ଜିଲାରେ ବନ୍ୟାର ଆଶଙ୍କା ଦେଖାଦେଇଥାଏ। ଏହି ଜିଲାରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ଏକ ବଡ଼ ସମସ୍ୟା। ଏହାର ନିରାକରଣ ପାଇଁ କେନ୍ଦ୍ରାପଡ଼ା ଜଳସମ୍ପଦ ଡିଭିଜନ, ମହାନଦୀ ଡିଭିଜନ, ଚିତ୍ରୋତ୍ପଳା ଡିଭିଜନ, ଡ୍ରେନେଜ ଡିଭିଜନର ଅଧିକାରୀମାନେ ସତର୍କ ହେବା କଥା। ମେ' ମାସ ପୂର୍ବରୁ ନଦୀବନ୍ଧର ଦୁର୍ବଳ ସ୍ଥାନ ଚିହ୍ନଟ ସହ ମରାମତି ହେବା କଥା। ତେବେ ଅଦ୍ୟାବଧି ଜିଲାରେ ଥିବା ଦୁର୍ବଳ ନଦୀବନ୍ଧ ସମ୍ପୂର୍ଣ୍ଣ ମରାମତି ହୋଇ ନ ଥିବାବେଳେ ସାମାନ୍ୟ ବନ୍ୟାରେ ତାହା ଭାଙ୍ଗିବା ଆଶଙ୍କା ଅଛି। ସେହିପରି ଜଳ ନିଷ୍କାସନ ପଥ ପରିଷ୍କାର ପାଇଁ ଅଦ୍ୟାବଧି ଉଦ୍ୟମ ହୋଇନାହିଁ। ବାତ୍ୟାର ବେଗ ଅଧିକ ହେଲେ ସାମୁଦ୍ରିକ ତଟକ୍ଷୟ ସହିତ ଜଙ୍ଗଲ ଉପରେ ପ୍ରଭାବ ପକାଇବ। ୨୦୧୮ରେ ତିତ୍‌ଲି, ୨୦୧୯ରେ ଫନି, ୨୦୨୦ର ଅମ୍ଫାନ, ୨୦୨୧ର ୟାସ୍, ଗୁଲାବ, ସାହୀନ, ୨୦୨୨ରେ ଅସନୀ, ୨୦୨୩ରେ ମୋଚା ଆଦି ସାମୁଦ୍ରିକ ବାତ୍ୟା ଏହାର ଉଦାହରଣ ସାଜିଛି। ଏହି ସାମୁଦ୍ରିକ ଝଡ଼ ସମୟରେ ଜିଲାର ଉପାନ୍ତ ଅଞ୍ଚଳବାସୀଙ୍କୁ ସ୍ଥାନାନ୍ତର କରିବାକୁ ପଡିଛି। ଜଙ୍ଗଲ ଜମି ଜବରଦଖଲ, ଚିଙ୍ଗୁଡ଼ି ଘେରି ନିର୍ମାଣ ଆଦି ସମସ୍ୟାକୁ ରାଜନେତା ଓ ପ୍ରଶାସକ ସର୍ବଦା ଉପେକ୍ଷା କରିଚାଲିଛନ୍ତି। ବନ୍ୟା, ବାତ୍ୟା, ସୁନାମି ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଲର୍ଟ କେନ୍ଦ୍ରରୁ ସାଇରନ ଦ୍ୱାରା ସତର୍କ କରାଯାଇଥାଏ। ତେବେ ଗତ ୟାସ୍ ସାମୁଦ୍ରିକ ଝଡ଼ ସମୟରେ ରାଜନଗରର ୧୧ ଓ ମହାକାଳପଡ଼ାର ୯ କେନ୍ଦ୍ର ମଧ୍ୟରୁ ରଟପଙ୍ଗା, ନରସିଂହପୁର, ଜମ୍ବୁ, ତନ୍ତିଆପାଳ, ଏଣ୍ଡୁଳାପୁର, କଇଥା, ଚିଞ୍ଚିରି, ପେଣ୍ଠ, ବ୍ରାହ୍ମଣଶାସନ ଓ କନ୍ଦରାପାଟିଆ ବ୍ୟତୀତ ଅନ୍ୟ ୧୦ଟିରେ ସାଇରନ ବାଜି ନ ଥିଲା। ଏଠାରେ ସିଷ୍ଟମ୍ ସବୁ ଅକାମୀ ହୋଇଛି। ସେହିପରି ଜିଲାର ବାତ୍ୟା ଆଶ୍ରୟସ୍ଥଳ ଅସୁରକ୍ଷିତ ହୋଇଥିବା ବେଳେ ଉପକରଣ ନଷ୍ଟ ହୋଇଛି। ଏ ସମ୍ପର୍କରେ ଏଡିଏମ୍ ରବୀନ୍ଦ୍ର ମଲିକଙ୍କୁ ପଚାରିବାରେ ସମ୍ଭାବ୍ୟ ସାମୁଦ୍ରିକ ଝଡ଼ର ସମ୍ମୁଖୀନ ପାଇଁ ଜିଲା ପ୍ରଶାସନ ସର୍ବଦା ପ୍ରାକ୍ ପ୍ରସ୍ତୁତିରେ ରହିଥାନ୍ତି। ଏଥିପାଇଁ ଜିଲାରେ ବଡ଼ ଧରଣର କ୍ଷତିକୁ ଆଡ଼େଇ ଦିଆଯାଇପାରୁଛି। ଏପରି ବିପର୍ଯ୍ୟୟ ସମୟରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳର ନିରୀକ୍ଷଣ ସହିତ ସ୍ଥାନାନ୍ତର, ଗମନାଗମନ, ସ୍ୱାସ୍ଥ୍ୟସେବା ଆଦିକୁ ଗୁରୁତ୍ୱ ଦିଆଯାଇଥାଏ ବୋଲି ସେ କହିଛନ୍ତି।



କେନ୍ଦ୍ରାପଡ଼ା ବ୍ଲକ ମାଦାରାପୁର ବାତ୍ୟା ଆଶ୍ରୟସ୍ଥଳୀ ଅସୁରକ୍ଷିତ।

## ବ୍ୟାସ ବିଷ୍ଣୁ ସ୍ନେହାଳୟ, ମନ୍ଦିରର ଶିଳାନ୍ୟାସ



ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଅନ୍ୟ ଅତିଥିଙ୍କ ଗହଣରେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କୁଜଙ୍ଗ, ୮।୫(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଗରେଇସ୍ଥିତ ନାଳିଆପାଳ ଗ୍ରାମରେ ବ୍ୟାସ ଫାଉଣ୍ଡେଶନ ତରଫରୁ ବ୍ୟାସ ବିଷ୍ଣୁ ସ୍ନେହାଳୟ ଓ ମନ୍ଦିରର ଶିଳାନ୍ୟାସ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶିଳ୍ପ,ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ମଞ୍ଚାସୀନ ଅତିଥିଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟରଞ୍ଜନ ମହାନ୍ତି, ଗରେଇ ସରପଞ୍ଚ ଦୀପ୍ତିରେଖା ଲେଙ୍କା, ସମିତି ସଭ୍ୟା ଦୀପ୍ତିମୟୀ ପଣ୍ଡା, ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ, ଆନ୍ତର୍ଜାତିକ ଗୀତା ମିଶନ ସଭାପତି ସ୍ୱାମୀ ଚିଦାନନ୍ଦ ମହାରାଜ, ସ୍ୱାମୀ ଶ୍ରୁତି ସାଗରାନନ୍ଦ ମହାରାଜ, ହେମନ୍ତ ରଥ, ଓଡ଼ିଆ ଟିଭି ଚାନେଲ ପ୍ରଯୋଜକ ଅଭିନନ୍ଦନ ଦାସ, ବ୍ୟାସ ଫାଉଣ୍ଡେଶନର କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ହୋତା ,ଭୂମିଦାତା ବିଷ୍ଣୁ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାସ ଫାଉଣ୍ଡେଶନ ଅଧ୍ୟକ୍ଷ ସ୍ନେହମୟୀ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିବାବେଳେ ପଣ୍ଡିତ ଡ. ସିଦ୍ଧେଶ୍ୱର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ସ୍ୱାଇଁ ଏଭଳି ମହତ୍ କାର୍ଯ୍ୟ ପାଇଁ ସାମଗ୍ରିକ ଭାବେ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମଞ୍ଚରେ ଅନୁପସ୍ଥିତ ଏମ୍‌ପି ଡ.ବିଭୁ ପ୍ରସାଦ ତରାଇ ତାଙ୍କ ବାର୍ତ୍ତା ମାଧ୍ୟମରେ ଏହି ସମାଜ କଲ୍ୟାଣକାରୀ କାର୍ଯ୍ୟ ପାଇଁ ୧୦ଲକ୍ଷ ଟଙ୍କାର ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବ୍ୟାଶ ଫାଉଣ୍ଡେସନ କର୍ମକର୍ତ୍ତା ରଶ୍ମିତା ନାୟକ, ସଂଗ୍ରାମ ମନ୍ତ୍ରୀ, ରାକେଶ କୁମାର ପଟ୍ଟନାୟକ,ନଗେନ୍ଦ୍ର ନାଥ ସ୍ୱାଇଁ,ପଣ୍ଡିତ ପ୍ରଶାନ୍ତ କୁମାର ଶତପଥୀ,ଅକ୍ଷୟ କୁମାର ସାହୁ ଓ ପ୍ରିତିମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶାରଦା ପ୍ରସନ୍ନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମାର୍ଶାଘାଇରୁ ସରକାରୀ ସ୍ଥାୟୀ ବସ୍ ସେବା ନାହିଁ



ମାର୍ଶାଘାଇ, ୮।୫ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

- ସିଟ୍ ନ ପାଇ ହୀନସ୍ତା ହେଉଛନ୍ତି ମାର୍ଶାଘାଇବାସୀ
- ଶ୍ରୀକ୍ଷେତ୍ର ପୁରୀକୁ ବସ୍ ଚଳାଚଳ ଦାବି

ମାର୍ଶାଘାଇ ସରକାରୀ ବସ୍ ଷ୍ଟାଣ୍ଡରୁ ରାଜ୍ୟ ସଡ଼କ ପରିବହନର ସ୍ଥାୟୀ ବସ୍ ସେବା ନାହିଁ। ଫଳରେ ମାର୍ଶାଘାଇରୁ କଟକ, ଭୁବନେଶ୍ୱର, ପୁରୀକୁ ଯିବାକୁ ଚାହୁଁଥିବା ଯାତ୍ରୀମାନେ ସିଟ୍ ନ ପାଇ ଛିଡ଼ା ହୋଇଯିବାକୁ ବାଧ୍ୟ ହେଉଛନ୍ତି। ମାର୍ଶାଘାଇ ଏକ ବହୁ ପୁରାତନ ବ୍ୟବସାୟିକ ପେଣ୍ଠସ୍ଥଳ ଏବଂ ବ୍ଲକ ସଦର ମହକୁମା । ହଜାରରୁ ଅଧିକ ଦୋକାନ ସହ ବ୍ଲକ, ତହସିଲ, କଲେଜ, ଏକାଧିକ ବ୍ୟାଙ୍କଠାରୁ ଆରମ୍ଭ କରି ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସ୍ଥାନୀୟ ଜନସାଧାରଣ ମାର୍ଶାଘାଇ ବସ୍‌ଷ୍ଟାଣ୍ଡରୁ କଟକ, ଭୁବନେଶ୍ୱର, ପୁରୀକୁ ଯାତାୟାତ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ମାର୍ଶାଘାଇରୁ ଭୋର ସମୟରେ ଏକ ବସ୍ ଶ୍ରୀକ୍ଷେତ୍ର ପୁରୀକୁ ଭରପୂର ଯାତ୍ରୀଙ୍କୁ ନେଇ ଯାତାୟାତ କରୁଥିଲା। ମହାକାଳପଡ଼ା, ଜମ୍ବୁ, ଖରିନାସି, ରାମନଗର, କରଞ୍ଜି ଆଦି ଅଞ୍ଚଳରୁ ମାର୍ଶାଘାଇ ଦେଇ ଯାତାୟାତ କରୁଥିବା ବସ୍‌ରେ ମାର୍ଶାଘାଇରୁ ଉଠୁଥିବା ଯାତ୍ରୀମାନଙ୍କୁ ସିଟ୍ ମିଳୁନାହିଁ। ତେଣୁ ରାଜ୍ୟ ସଡ଼କ ପରିବହନ ବିଭାଗ ପକ୍ଷରୁ ଏକ ବସ୍ ପୁରୀକୁ ଯାତାୟାତ ପାଇଁ ବ୍ୟବସ୍ଥା କରିବାକୁ ମାର୍ଶାଘାଇ ସରପଞ୍ଚ ଭାଗବତ ବେହେରା, ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ, ହୃଷୀକେଶ ବେହେରା, ହରପ୍ରସାଦ ବେହେରା, ହେମନ୍ତ ବେହେରା, ବୈରାଗୀ ପରିଡ଼ା, କ୍ଷୀତିଶ ବେହେରା, ନିହାର ରଞ୍ଜନ ବେହେରା, ସୁକାନ୍ତ ଚଇନି, ବାବାଜୀ ପ୍ରଧାନ, ରଶ୍ମିରଞ୍ଜନ ରଥ ପ୍ରମୁଖ ଦାବି କରିଛନ୍ତି।

## ବତିଘରବାସୀଙ୍କ ଦୁଃଖ ଟୁବିନଦୀ ଫେରିଘାଟ



କେନ୍ଦ୍ରାପଡ଼ା ଜିଲା ବତିଘର ଫଲ୍ସ ପଏଣ୍ଟଠାରେ ଟୁବି ନଦୀରେ ଯାତ୍ରୀବାହୀ ଡଙ୍ଗାରେ ଲୋକେ ଯାତାୟାତ କରୁଛନ୍ତି।

ମହାକାଳପଡ଼ା, ୮।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ପ୍ରତିଶ୍ରୁତି ପରେ ମିଳୁଛି ପ୍ରତିଶ୍ରୁତି, ଏଥିମଧ୍ୟରେ ୨୪ ବର୍ଷର ଶାସନ ବଦଳିଛି। ହେଲେ ବଦଳୁନି ନଦୀ ନାଳଘେରା ବତିଘରର ଭାଗ୍ୟ ଓ ଭବିଷ୍ୟତ। ନିର୍ବାଚନ ଆସିଲେ ବିଭିନ୍ନ ରାଜନୈତିକ ଦଳର ତୁଙ୍ଗ ନେତାମାନେ ବତିଘରବାସୀଙ୍କୁ ସେତୁ ନିର୍ମାଣର ସ୍ୱପ୍ନ ଦେଖାନ୍ତି। ନିର୍ବାଚନ ସରିଲା ପରେ ଏମାନଙ୍କୁ ଭୁଲି ଯାଉଛନ୍ତି। ଏହି ସମସ୍ୟା ଦିନେ କି ଦୁଇଦିନର ନୁହେଁ। ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ମହାନଦୀ ଶାଖା ଟୁବି ଗଳିଆ ନଦୀ ବତିଘରବାସୀଙ୍କ ପାଇଁ ପାଲଟିଛି ଜୀବନରେଖା । ରାତି ପାହିଲେ ଖୋଜାପଡ଼େ ଘାଟିଆକୁ। ଏହି ଫେରିଘାଟ ପାର ହୋଇ ବ୍ଲକରୁ ରାଜଧାନୀ ପର୍ଯ୍ୟନ୍ତ ଦୈନିକ ଲୋକମାନେ ଯାତାୟାତ କରିଥାନ୍ତି। ଛାତ୍ରୀଛାତ୍ରମାନଙ୍କଠାରୁ ଆରମ୍ଭ କରି ମେଡିକାଲ, ତହସିଲ, ରେଜିଷ୍ଟ୍ରି କାର୍ଯ୍ୟାଳୟ, କଲେଜ, ବ୍ଲକ, ହାଟ ବଜାର ଆଦି ସ୍ଥାନକୁ ଯିବାକୁ ହେଲେ ଡଙ୍ଗା ହିଁ ଭରସା ପାଲଟିଥାଏ। ଯଦି ରାତିରେ ଝଡ଼ବର୍ଷା ପବନ ହେଲା କଥା ସରିଲା। ଗୁରୁତର ରୋଗୀଙ୍କଠାରୁ ଗର୍ଭ ଯନ୍ତ୍ରଣାରେ ଛଟପଟ ହେଉଥିବା ଗର୍ଭବତୀ ସ୍ୱାସ୍ଥ୍ୟକେନ୍ଦ୍ର ଯିବା ସ୍ୱପ୍ନ ପାଲଟିଯାଏ। କେବଳ ଈଶ୍ୱର ଭରସାରେ ରାତିସାରା ଯନ୍ତ୍ରଣାରେ ଛଟପଟ ହୋଇ ପୁଣି ସକାଳକୁ ଅପେକ୍ଷା କରିବାକୁ ପଡେ।

ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ, ସୁବାସ ସ୍ୱାଇଁ, ଗୁରୁପଦ ବାରିକ, ଲକ୍ଷ୍ମୀକାନ୍ତ ସ୍ୱାଇଁ କହିଛନ୍ତି, ଦିନ ଥିଲା ଏହି ଦୁର୍ଗମ ଅଞ୍ଚଳରେ ଘଞ୍ଚ ଜଙ୍ଗଲ, ବୃହତ୍ ବାଲୁକା ସ୍ତୂପ, ଫଲ୍ସ ପଏଣ୍ଟଠାରେ ବ୍ରିଟିଶରମାନେ ୧୮୩୬ରେ ବତିଘର ନିର୍ମାଣ କରିଥିଲେ। ପୂର୍ବ ଭାରତରେ ପ୍ରଥମ ବତିଘର ଆରମ୍ଭ କରିଥିଲେ। ପ୍ରଥମ ଥର ପାଇଁ ଏଠାରେ ବତି ଜଳିଥିଲା। ବଙ୍ଗୋପସାଗର ଦେଇ ବିଦେଶରୁ ଆସୁଥିବା ବିଦେଶୀ ଜାହାଜକୁ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ପଥ ପ୍ରଦର୍ଶକ ସାଜିଥିଲା ଏହି ଆଲୋକ ବର୍ତ୍ତିକା। ସମୁଦ୍ର ପତ୍ତନଠାରୁ ଏହି ବତିଘର ଟାୱାର ଉଚ୍ଚତା ୧୨୦ ଫୁଟ୍ ବୋଲି କୁହାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନଦୀ ନାଳ ଘେରା ବତିଘର ପଞ୍ଚାୟତକୁ ଏକ ସେତୁ ନିର୍ମାଣ କରିବାକୁ ପ୍ରସ୍ତାବ ଥିଲାବେଳେ ଏହା କେବେ କାର୍ଯ୍ୟକାରୀ ହେବ ଅଞ୍ଚଳବାସୀ ଚାହିଁ ରହିଛନ୍ତି। ନଚେତ୍ ବତିଘରବାସୀଙ୍କ ଦୁଃଖ ଦୂର ହେବ ନାହିଁ ବୋଲି ସେମାନେ କହିଛନ୍ତି। ଏହି ପଞ୍ଚାୟତରେ ୧୨ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି। ବତିଘରକୁ ଅଦ୍ୟାବଧି ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିଲା ନାହିଁ। ଫଳରେ ବତିଘର ଫଲ୍ସ ପଏଣ୍ଟକୁ ଜାତୀୟ ପର୍ଯ୍ୟଟନସ୍ଥଳ ମାନ୍ୟତା ପ୍ରଦାନ ପାଇଁ ଦାବି ହୋଇଛି। ସେହିପରି ସେତୁ ନିର୍ମାଣ ପାଇଁ ବତିଘର ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

## ଜିଲାସ୍ତରୀୟ ବିଶ୍ୱ ରେଡ୍ କ୍ରସ୍ ଦିବସ

ଜଗତସିଂହପୁର, ୮।୫ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜୁନିଅର୍ ରେଡ୍‌କ୍ରସ ସଙ୍ଗଠନ ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ ଦିବସ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ପାଳିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶ ତଥା ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଜୁନିଅର୍ ରେଡ୍‌କ୍ରସ ଅଧିକାରୀ ତ୍ରିଲୋଚନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ଅତିରିକ୍ତ ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ରାଜଶ୍ରୀ ସାହୁ, ସୁଶାନ୍ତ କୁମାର ମହାନ୍ତି, ପ୍ରଧାନ ଶିକ୍ଷକ ମିହିର କୁମାର ପାଲ, ରମାକାନ୍ତ ପତି ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଡ୍‌କ୍ରସର ପ୍ରତିଷ୍ଠାତା ସାର୍ ଜିନ ହେନରୀ ଡୁନାଣ୍ଟଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ଜୀବନୀ ଓ କାର୍ଯ୍ୟଶୈଳୀ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ ଅତିଥି ପରିଚୟ ଓ ପ୍ରତାପ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଶୁକଦେବ ଜେନା, ଧର୍ମେନ୍ଦ୍ର ଦାସ, ବିଜୟଲକ୍ଷ୍ମୀ ଦାସ, ମଙ୍ଗରାଜ ସାହୁ, ସାରଦା ଅଧିକାରୀ, କାନ୍ତିମତି ସାହୁ, ନିରଞ୍ଜନ ବିଶ୍ୱାଳ, ମିଲନ ଓଝା, ଚିନ୍ମୟୀ ଆଚାର୍ଯ୍ୟ ଓ ରୋଜାଲିନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଚନ୍ଦନ ବେହେରା ଏହାକୁ ପରିଚାଳନା କରିଥିଲେ।

## କଲେଜ ପ୍ରତିଷ୍ଠାତା ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି

ରଘୁନାଥପୁର, ୮।୫(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା କଲେଜର ପ୍ରାକ୍ତନ ଅଧ୍ୟାପକ ସ୍ୱର୍ଗତ ଭଗବାନ ବିଶ୍ୱାଳଙ୍କ ବିୟୋଗରେ କଲେଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ ସଭାରେ ଛାତ୍ରୀଛାତ୍ର ଓ ସହକର୍ମୀ ଅଧ୍ୟାପକଙ୍କ ପକ୍ଷରୁ ପ୍ରଥମେ ନୀରବ ପ୍ରାର୍ଥନା କରାଯାଇଥିଲା। ଅବସର ପରେ ସାମାଜିକ କାର୍ଯ୍ୟ ଓ ବିଭିନ୍ନ ଅନୁଷ୍ଠାନରେ ଜଡ଼ିତ ଥିବା ଅଧ୍ୟାପକ ବିଶ୍ୱାଳ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ବୋଲି ଅଧ୍ୟକ୍ଷ ପ୍ରଫେସର ପଣ୍ଡା କହିଥିଲେ। ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଭାବେ ସ୍ୱର୍ଗତ ବିଶ୍ୱାଳ ଜଣାଶୁଣା ଥିଲେ ବୋଲି ସେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ରଞ୍ଜନ ମହାନ୍ତି, ବାଦଲ ପ୍ରସାଦ ସିଂହ, ହିମାଂଶୁ ଜେନା, ଆଲୋକ ପ୍ରଧାନ, ରୁଦ୍ର ସାସମଲ, ମନୋଜ ଦାସ, ବାବୁଲି ସ୍ୱାଇଁ, ବଟକୃଷ୍ଣ ସ୍ୱାଇଁ, ନକୁଳ ନାୟକଙ୍କ ସହ ଛାତ୍ରୀଛାତ୍ର ଅଧ୍ୟାପକ ସ୍ୱର୍ଗତ ବିଶ୍ୱାଳଙ୍କ ଅମରଆତ୍ମାର ସଦ୍‌ଗତି କାମନା କରିଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାଧିବାସ



ରାଜନଗର,୮।୫ (ଭାସ୍କର ରାଉତରାୟ)

ରାଜନଗର ବ୍ଲକର ଶକ୍ତିପୀଠ ମା' କଣସରାଙ୍କ ବିଜେସ୍ଥଳୀ ଦାଣ୍ଡିରେ ଅର୍ଦ୍ଧ ଶତାବ୍ଦୀ ଧରି ଅନୁଷ୍ଠିତ ହୋଇଆସୁଥିବା ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାଧିବାସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃକାଳରୁ କଳସ ଜଳଯାତ୍ରା, ଗୁରୁପୂଜା, ଗୋମାତା ପୂଜା ସହ ଯଜ୍ଞାଗ୍ନି ସ୍ଥାପନ ଆଦି କାର୍ଯ୍ୟକ୍ରମ ଶାସ୍ତ୍ରୀୟ ନୀତି ଆଧାରରେ ଅନୁଷ୍ଠିତ ହୋଇଯାଇଅଛି। ୫ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ଯଜ୍ଞାନୁଷ୍ଠାନରେ ଭକ୍ତଜନଙ୍କ ପାଇଁ ଜ୍ଞାନଯଜ୍ଞ, ଅନ୍ନଯଜ୍ଞ ଆଦିର ବ୍ୟବସ୍ଥା କରାଯାଇଛି। ଦାଣ୍ଡିଗ୍ରାମ ନିକଟସ୍ଥ ବଳଭଦ୍ରପୁର, ଚକିବାଙ୍କ, ବନ୍ଧପଡା, ମଧ୍ୟପଡା, ସନ୍ଥପଡାର ବହୁ ଶ୍ରଦ୍ଧାଳୁ ଯୋଗଦେଇ ଯଜ୍ଞାନୁଷ୍ଠାନକୁ ସାହାଯ୍ୟ କରୁଛନ୍ତି। ଯଜ୍ଞ କମିଟିର ସଭାପତି ସଚ୍ଚିଦାନନ୍ଦ ପାତ୍ର, ସମ୍ପାଦକ ପ୍ରଦୀପ ନାୟକ, ପରିଚାଳନା କମିଟି ସଦସ୍ୟ ଗୁରୁଚରଣ ବରାଳ, ବିଜୟ କୁମାର ପାତ୍ର, ସତ୍ୟରଞ୍ଜନ ନାୟକ, ରଞ୍ଜନ କୁମାର ପାତ୍ର, ସୁଧୀର କୁମାର ଜେନା, ଅମର କୁମାର ଜେନା ପ୍ରମୁଖ ସହଯୋଗ କରୁଛନ୍ତି।

## ବିଦ୍ୟାର୍ଥୀଙ୍କ ପକ୍ଷରୁ ଗୁରୁପୂଜା, ସମ୍ବର୍ଦ୍ଧନା



ଗୁରୁପୂଜନ ସହ ପୁରାତନ ଛାତ୍ରୀଛାତ୍ର ବନ୍ଧୁମିଳନରେ ସାମିଲ ହୋଇଛନ୍ତି।

ରାଜନଗର, ୮।୫ (ଭାସ୍କର ରାଉତରାୟ)

ରାଜନଗର ବ୍ଲକର ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ୧୯୯୨–୯୩ ବ୍ୟାଚର ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗୁରୁପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କୁରୁଣ୍ଟି ପଞ୍ଚାୟତ ଅନ୍ତର୍ଗତ ବଳରାମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ର କଳ୍ପତରୁ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଅକ୍ଷୟ କୁମାର ମିଶ୍ର, ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟାପକ ବୈକୁଣ୍ଠ ତ୍ରିପାଠୀ, ସୁରେନ୍ଦ୍ରନାଥ ପଣ୍ଡା, ବିଜୟ କୁମାର ନନ୍ଦ, ବସନ୍ତ କୁମାର ମିଶ୍ର, ଅଧ୍ୟକ୍ଷ ଘନଶ୍ୟାମ ମିଶ୍ର ପ୍ରମୁଖଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ପୁରାତନ ଛାତ୍ର କେଶବ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ସରକାରଙ୍କ ହାତକୁ ଜମି ନ ଆସିଲେ ଭବିଷ୍ୟତରେ ଅଡୁଆ

ଜଗତ୍‌ସିଂହପୁର, ୮।୫ (ପ୍ରମୋଦ କୁମାର ନାୟକ)




ଜଗତ୍‌ସିଂହପୁରଠାରେ ଥିବା ଅଳକା ଆଶ୍ରମ।

ସ୍ୱାଧୀନତା ସଂଗ୍ରାମୀଙ୍କ ଏନ୍ତୁଡ଼ିଶାଳ କୁହାଯାଉଥିବା ଅଳକା ଆଶ୍ରମ କେବଳ ଜଗତ୍‌ସିଂହପୁର ଜିଲା ନୁହେଁ, ଜାତୀୟସ୍ତରରେ ସ୍ୱତନ୍ତ୍ର ପରିଚୟ ପାଇଥିଲା। କିନ୍ତୁ ସମୟ ଚକ୍ରରେ ଏହା ତାର ସ୍ଥିତି ହରାଇ ବସିଥିଲା। ସୌଭାଗ୍ୟ ଏହାର ସ୍ମୃତି ସାଉଁଟିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। କିନ୍ତୁ ଆଶାଜନକ ଫଳ ମିଳି ପାରୁନାହିଁ। ଅନ୍ୟପଟେ ଅଳକା ଆଶ୍ରମର ଜମିକୁ ନେଇ ବିବାଦ ମୁଣ୍ଡ ଟେକିଛି। ଜଣେ ବ୍ୟକ୍ତିଙ୍କ ନାଁରେ ଥିବା ଜମିରେ ବିଲ୍ଡିଂ ଆଦି କରାଯାଇଛି। ୩ ଏପ୍ରିଲ ୨୦୨୫ରେ ଜିଲା ମହୋତ୍ସବ କଲ୍ଲୋଳରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଳକା ଆଶ୍ରମର ବିକାଶ ପାଇଁ ୧ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। କିନ୍ତୁ ବ୍ୟକ୍ତିଗତ ମାଲିକାନାରେ ଥିବା ଜମିରେ ସରକାରଙ୍କ ଏତେ ଟଙ୍କା କିପରି ଖର୍ଚ୍ଚ ହେଉଛି ଅବା ହେବାକୁ ଯାଉଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ସ୍ଥାନୀୟ କେତେକ ବୁଦ୍ଧିଜୀବୀ ଏବଂ ଦୁର୍ନୀତି ବିରୋଧି ଅଭିଯାନ ପକ୍ଷରୁ ବିଜୟଲକ୍ଷ୍ମୀ ମହାପାତ୍ର, ବିଜୟ କୁମାର ରଥ, ଆଲୋକ ରଞ୍ଜନ ଦାସ, ଦେବାଶିଷ ଜେନା, ଶିବପ୍ରସାଦ ସାହୁ, ସରିତ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଗୋବିନ୍ଦ ଓଝା, ପ୍ରସନ୍ନ କୁମାର ଦାସ, ବିଷ୍ଣୁ ଚରଣ ଦାସ ଓ ମନୋଜ ନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଗମ୍ଭିରତାର ସହ ଚିନ୍ତା କରିବାକୁ ଅନୁରୋଧ କରିଛନ୍ତି। ସେମାନଙ୍କ ଯୁକ୍ତି ହେଲା, ଅତୀତର ଅଳକା ଆଶ୍ରମ ନିକଟବର୍ତ୍ତୀ ତଥା ଚାଟରା କେନାଲ ପାର୍ଶ୍ୱରେ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମିରେ ଗତ ସରକାର ଅମଳରେ ଅଳକା ଆଶ୍ରମ ସ୍ମାରକୀ ନିର୍ମାଣ କରାଯାଇଛି। ଏହି ଆଶ୍ରମ ବିଲ୍ଡିଂ ଓ ଫାଟକ ଆଦି ସରକାରୀ ଅନୁଦାନରେ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ନିର୍ମାଣ କରାଯାଇଛି। ଯାହା ଉପଯୁକ୍ତ ନିଷ୍ପତ୍ତି ନିଆଯାଇଥିବା ଅନୁମାନ ହେଉନାହିଁ। କାରଣ ଭବିଷ୍ୟତରେ ଜମି ମାଲିକ ଏଥିରେ ସର୍ବସାଧାରଣ ବ୍ୟବହାର ଉପରେ ଅଙ୍କୁଶ ଲଗାଇପାରନ୍ତି। ତେଣୁ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ବ୍ୟକ୍ତିଗତ ମାଲିକାନା ସତ୍ତ୍ୱରୁ ପ୍ରଥମେ ସରକାରଙ୍କ ନାମକୁ ଅଣାଯାଇ ତା'ପରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଯେତେ ଅର୍ଥ ଖର୍ଚ୍ଚ କରାଗଲେ କୌଣସି ଆପତ୍ତି ରହିବ ନାହିଁ ବୋଲି ଉପରୋକ୍ତ ବ୍ୟକ୍ତିମାନେ ଯୁକ୍ତି କରିଛନ୍ତି।

ସୂଚନାଯୋଗ୍ୟ ଯେ, ସ୍ୱାଧୀନତା ଆନ୍ଦୋଳନ ସମୟରେ ଦେଶର ହାତ ଗଣତି କେତୋଟି ଆଶ୍ରମ ମଧ୍ୟରେ ଅଳକା ଆଶ୍ରମ ଥିଲା ଅନ୍ୟତମ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାଗିରଥୀ ମହାପାତ୍ର ଓ କର୍ମଯୋଗୀ ଗୋପବନ୍ଧୁ ଚୌଧୁରୀଙ୍କ ନିଷ୍ଠାପର ଉଦ୍ୟମରେ ଏଭଳି ଏକ ଜାତୀୟ ଅନୁଷ୍ଠାନ ସ୍ଥାନୀୟ ସୋମନାଥ ହାଟ ଅପରପାର୍ଶ୍ୱ ମାଛଗାଁ କେନାଲ ଓ ଅଳକା ନଦୀ ମଧ୍ୟ ଭାଗ ବିସ୍ତୀର୍ଣ୍ଣ ଆମ୍ବ ତୋଟାରେ ୧୯୨୧ରେ ଗଢି ଉଠିଥିଲା। ତତ୍କାଳୀନ ଜମିଦାର ବଂଶୀଧର ପଟ୍ଟନାୟକ, ଦୁର୍ଗାଚରଣ ମହାପାତ୍ର ବିନା ଦ୍ୱିଧାରେ ଜମି ଦାନ କରିଥିଲେ। ୧୯୨୨ରେ ସରସ୍ୱତୀ ପୂଜା ଦିନ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଦ୍ୱାରା ଏହା ଗୋପବନ୍ଧୁ ଚୌଧୁରୀଙ୍କ ନାମରେ ଉଇଲ ସମ୍ପାଦିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟର ଜାତୀୟସ୍ତରର ନେତାମାନଙ୍କ ସହ ପାଖାପାଖି ୫୦୦ ଖଣ୍ଡ ଗାଁର ଲୋକେ ଯୋଗଦେଇଥିଲେ। ଏହି ଅନୁଷ୍ଠାନ ଶିକ୍ଷା, ସାହିତ୍ୟ, ସାଂସ୍କୃତି, ଅର୍ଥନୈତିକ ଚେତନା, ପ୍ରଜ୍ଞା ଓ ଜ୍ଞାନର ଏକ ଆଦର୍ଶ ଭିତ୍ତିଭୂମି ଥିଲା। ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଅସ୍ପୃଶ୍ୟତା ନିବାରଣ ଆଦି ଆନ୍ଦୋଳନ ସମୟରେ ଅଳକା ଆଶ୍ରମ ମୁଖ୍ୟ ଭୂମିକା ନିଭାଇଥିଲା। ଲବଣ ସତ୍ୟାଗ୍ରହ ସମୟରେ ଶହଶହ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ବନ୍ଦୀ ହୋଇଥିଲେ। ସେତେବେଳେ ଇଂରେଜ ସରକାର ଭାରତବର୍ଷର ବିଭିନ୍ନ ସ୍ଥାନରେ କଂଗ୍ରେସ ଅଫିସକୁ ତାଲା ପକାଇ ତାକୁ ଦଖଲକୁ ନେଇଥିଲା। ଜଗତ୍‌ସିଂହପୁରର କେତେଜଣ ବ୍ରିଟିଶ ଦଲାଲ ଏହିଭଳି ଏକ ଅନୁଷ୍ଠାନ ବିଷୟରେ ବ୍ରିଟିଶ ସରକାରଙ୍କୁ ଅବଗତ କରି ବିଶ୍ୱାସଘାତକତା କରିଥିଲେ। ୧୯୩୨ ମେ' ମାସ ଅର୍ଦ୍ଧରାତ୍ରରେ ଅଳକାଶ୍ରମ କର୍ମୀ ଓ ନେତାମାନେ ଜେଲରେ ଥିବାବେଳେ ଦୁର୍ବୃତ୍ତମାନେ ଆଶ୍ରମ ଚାଳଘରେ ନିଆଁ ଲଗାଇ ଏହାକୁ ଭସ୍ମିଭୂତ କରି ଦେଇଥିଲେ। ପରବର୍ତ୍ତୀ ସମୟରେ ଏହାର ଚିହ୍ନବର୍ଣ୍ଣ ରହି ନ ଥିଲା।

# ଘୁମୁସର ବନଖଣ୍ଡରେ ୯୭ ହାତୀ

ଭଞ୍ଜନଗର, ୮।୫ (ବାବୁଲା ପ୍ରଧାନ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡ ଗତ କିଛିବର୍ଷ ହେବ ହାତୀ ସୁରକ୍ଷିତ ବାସସ୍ଥଳୀ ପାଲଟିଛି। ତେବେ ହାତୀପଲ ଏହି ୨ ବନଖଣ୍ଡରେ ରହିବା ସମୟରେ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। କେଉଁଠି ଘର ଭାଙ୍ଗୁଛନ୍ତି ତ ଆଉ କେଉଁଠି ଫସଲ କ୍ଷତି କରୁଛନ୍ତି। ଗୁରୁବାର ସୁଦ୍ଧା ଉତ୍ତର ଘୁମୁସର ବନଖଣ୍ଡରେ ୯୧ଟି ହାତୀ ଥିବା ବେଳେ ଦକ୍ଷିଣ ଘୁମୁସର ବନଖଣ୍ଡରେ ୬ଟି ହାତୀ ଥିବା ଜଣାପଡିଛି। ମଙ୍ଗଳବାର ରାତିରେ ୨ଟି ଦନ୍ତା ହାତୀ କୁଲାଡ ଗାଁ ଭିତରେ ପଶି ଯାଇଥିବାରୁ ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ବନ କର୍ମଚାରୀମାନେ ପହଞ୍ଚି ହାତୀକୁ ଘଉଡାଇଥିଲେ। ହାତୀ ଏବଂ ମଣିଷ ଉଭୟ କିଭଳି ସୁରକ୍ଷିତ ରହିପାରିବ ସେଥିପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ସୂଚନା ଦେଇଛନ୍ତି।

# ଜଙ୍ଗଲଜାତ ଦ୍ରବ୍ୟର ଉଚିତ ମୂଲ୍ୟ ପାଉନାହାନ୍ତି ଆଦିବାସୀ

ପାରଳାଖେମୁଣ୍ଡି,୮।୫ (ଗିରିଧାରୀ ପରିଛା)



ଗଜପତି ଜିଲା ଗୁମ୍ମା ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ରୂପେ ପରିଚିତ। ଆଦିବାସୀଙ୍କ ଜୀବନ ଜୀବିକା ରୂପେ ପରିଚିତି ଲାଭ କରିଛି ଜଙ୍ଗଲଜାତ ଦ୍ରବ୍ୟ। ତେବେ ଆଦିବାସୀଙ୍କ ଜଙ୍ଗଲ ଜାତ ଓ ଉତ୍ପାଦିତ ସାମଗ୍ରୀ ଦ୍ରବ୍ୟଗୁଡିକ ଉପରେ ବ୍ୟବସାୟୀମାନଙ୍କ ମନୋମୁଖୀ କାରବାର ଚାଲିଛି। ଜଙ୍ଗଲଜାତ ଦ୍ରବ୍ୟର ଦର ନିର୍ଦ୍ଧାରଣରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଅଭାବ ଯୋଗୁ ଆଦିବାସୀମାନେ ସେମାନଙ୍କ ଉଚିତ୍ ପ୍ରାପ୍ୟ ପାଉନାହାନ୍ତି। ଏନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ବହୁ ପରିଶ୍ରମ କରି ଆଦିବାସୀମାନେ ଚାଷ କରିବା ସହ ଜଙ୍ଗଲରୁ ଆମ୍ବ, ପଣସ, କାଜୁ, କରଞ୍ଜି, ମହୁଲ ଫୁଲ ଓ ଟୋଲ ଆଦି ବିଭିନ୍ନ ପ୍ରକାର ଫୁଲଫଳ ସଂଗ୍ରହ କରିଥାନ୍ତି। ଏହାକୁ ନେଇ ବଜାରରେ ବିକ୍ରିକରି କିଛି ଅର୍ଥ ରୋଜଗାର କରିଥାନ୍ତି। ତେବେ ସେମାନେ ସଂଗ୍ରହ କରୁଥିବା ଏହିସବୁ ସମଗ୍ରୀକୁ ବାହାର ରାଜ୍ୟ ତୁଳନାରେ ବହୁ କମ ଦରରେ ସ୍ଥାନୀୟ ବ୍ୟବସାୟୀମାନେ ସେମାନଙ୍କଠାରୁ କିଣୁଛନ୍ତି। ବାହାର ରାଜ୍ୟର ବ୍ୟବସାୟୀଙ୍କୁ ଅଞ୍ଚଳରେ ପ୍ରବେଶ କରିବାକୁ ସୁଯୋଗ ଦେଉନାହାନ୍ତି ସ୍ଥାନୀୟ ବ୍ୟବସାୟୀ। ଫସଲ ଅମଳ ପୂର୍ବରୁ ଏମାନେ ଆଦିବାସୀଙ୍କୁ କିଛି ଟଙ୍କା ଅଗ୍ରୀମ ଦେଇ ତାର ଦ୍ରବ୍ୟକୁ ତାକୁ ହିଁ ବିକ୍ରି କରିବାକୁ ବାଧ କରିଥାନ୍ତି। ସେମାନଙ୍କଠାରୁ ଖୁବ୍ କମ ମୂଲ୍ୟରେ ବ୍ୟବସାୟୀମାନେ ଜଙ୍ଗଲ ଜାତ ଦ୍ରବ୍ୟ ନେଇଯାଉଥିବା ଗୁରବା ଗମାଙ୍ଗ, ଅନ୍ତର୍ଯ୍ୟାମୀ ମଣ୍ଡଳ, ସୁବାସ ମଣ୍ଡଳ ପ୍ରମୁଖ କହିଛନ୍ତି। ଅପରପକ୍ଷରେ ବଜାରରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ସବୁ ବଢ଼ି ଚାଲିଥିବା ବେଳେ ଆଦିବାସୀଙ୍କ ସାମଗ୍ରୀର ମୂଲ୍ୟ ବଢୁ ନ ଥିବା ଅଞ୍ଚଳର ଆଦିବାସୀମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ସରକାର ଆଦିବାସୀ ଉନ୍ନୟନ ସୋସାଇଟି (ଟିଡିସିଏସ) ଦ୍ୱାରା ଦର ନିର୍ଦ୍ଧାରଣ କରି ଚାଷୀଙ୍କଠାରୁ ଏହିସବୁ ସାମଗ୍ରୀ କିଣୁଥିଲେ। ପରବର୍ତ୍ତୀ ସମୟରେ ଏହି ସଂସ୍ଥା ବନ୍ଦ ହୋଇଯିବାରୁ ବ୍ୟବସାୟୀଙ୍କ ମନୋମୁଖୀ ବଢ଼ି ଚାଲିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଶିକ୍ଷକଙ୍କ ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟ୍

ଛତ୍ରପୁର, ୮।୫
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ସହର ମୁଖ୍ୟ ବଜାର ରାସ୍ତାରୁ ଗୁରୁବାର ଜଣେ ଶିକ୍ଷକଙ୍କ ବାଇକ୍ ଡିକି ଭାଙ୍ଗି ସେଥିରେ ଥିବା ବ୍ୟାଗରୁ ୫୫ ହଜାର ଟଙ୍କା ଲୁଟ ହୋଇଛି। ଲୁଟର ଶିକାର ହୋଇଥିବା ଛତ୍ରପୁର ବ୍ଲକ ବଉଳଗାଁ ପଞ୍ଚାୟତ ଦିବ୍ୟସିଂହପୁର ଗାଁର ତଥା ମହାନାଦପୁର୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ନୀଳକଣ୍ଠ ଶତପଥୀ ଏ ନେଇ ଥାନାରେ ଏତଲା ଦେଇଛନ୍ତି। ଛତ୍ରପୁର ଥାନା ଏସ୍ଆଇ ବିନୟ କୁମାର ଦାଶ ପୋଲିସ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁସାରେ ଶିକ୍ଷକ ନୀଳକଣ୍ଠ ଛତ୍ରପୁର ଏସବିଆଇ ବଜାର ଶାଖାରୁ ୫୫ ହଜାର ଟଙ୍କା ଉଠାଇ ନିଜ ବାଇକ (ନଂ.ଓଡ଼ି ୦୭ ଏଭି ୭୧୧୪) ଡିକିରେ ରଖିଥିଲେ। ବ୍ୟାଙ୍କଠାରୁ କିଛି ଦୂର ଯାଇ ଏକ କସ୍ମେଟିକ ଦୋକାନ ଆଗରେ ବାଇକ୍ ରଖି ସେ କିଛି କିଣିବାକୁ ଯାଇଥିଲେ। ସେ ବାଇକ ପାଖକୁ ଆସିବାରେ ଡିକି ଭାଙ୍ଗିଥିବା ଓ ସେଥିରେ ୫୫ ହଜାର ଟଙ୍କା ନ ଥିବା ଦେଖିଥିଲେ। ଅଭିଯୋଗ ପରେ ପୋଲିସ ଟିମ ବ୍ୟାଙ୍କକୁ ଯାଇ ମ୍ୟାନେଜରଙ୍କ ସହ ଆଲୋଚନା କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। କସ୍ମେଟିକ ଦୋକାନ ଆଖପାଖର ଅନ୍ୟ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ହୋଇଥିଲା। ୪ ଜଣ ଦୁର୍ବୃତ୍ତ ୨ଟି ବାଇକରେ ଆସି ବ୍ୟାଙ୍କରେ ଶିକ୍ଷକ ଟଙ୍କା ଉଠାଉଥିବା ଦେଖିଥିଲେ। ସେମାନେ ଶିକ୍ଷକଙ୍କ ବାଇକ ଡିକି ଭାଙ୍ଗି ଟଙ୍କା ଲୁଟ କରିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି। ଶିକ୍ଷକ ଜଣକ ବ୍ୟାଙ୍କରୁ ଉଠାଇଥିବା ଟଙ୍କା ସୋସାଇଟି ଋଣ ଶୁଝିଥାନ୍ତେ ବୋଲି କହିଛନ୍ତି।

# ଜୁନ ୩ରୁ ଅଗସ୍ତି ନୂଆଗାଁ ଠାକୁରାଣୀ ଯାତ୍ରା

## ଆଜି ଶୁଭଖୁଣ୍ଟି ସ୍ଥାପନ

ଛତ୍ରପୁର, ୮।୫ (ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁରେ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଜୁନ୍ ୩ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ଗ୍ରାମ୍ୟ କମିଟି ସଭାପତି ରଜତ୍ କୁମାର ନାୟକଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଶୁକ୍ରବାର ଗ୍ରାମକୁ ମା'ଙ୍କ ବାନା ଆସି ଶୁଭଖୁଣ୍ଟି ସ୍ଥାପନ କରାଯିବ। ଜୁନ ୩ ତାରିଖରେ ଗ୍ରାମକୁ ମା'ଙ୍କ ହାଣ୍ଡି ଆସିବ ଅର୍ଥାତ୍ ମା' ଅସ୍ଥାୟୀ ମଣ୍ଡପକୁ ଆସିବେ। ଜୁନ ୧୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଶୋଭାଯାତ୍ରା ମଧ୍ୟରେ ମା' ଗ୍ରାମ ଭ୍ରମଣ କରିବେ। ଜୁନ ୧୭ ତାରିଖରେ ମା'ଙ୍କ ଅସ୍ଥାୟୀ ମଣ୍ଡପ ସମ୍ମୁଖରେ ୨ଟି ରାମାୟଣ ନାଚ ପରିବେଷଣ କରାଯିବ। ଏଥିସହ ରାମଦୋଳି, ମିନାବଜାର ଆୟୋଜନ କରାଯିବ ବୋଲି ଗ୍ରାମ୍ୟ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ୧୮ ତାରିଖରେ ମା' ଜାତୀୟ ରାଜପଥ କଡ଼ରେ ଥିବା ସ୍ଥାୟୀ ମନ୍ଦିରକୁ ଫେରିଯିବେ। ଯାତ୍ରାରେ ଶାନ୍ତିଶୃଙ୍ଖଳା ଓ ଗ୍ରାମର ସୁରକ୍ଷା ନିମନ୍ତେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଅନୁମତି ଓ ସାହାଯ୍ୟ ମଗାଯିବାକୁ ବୈଠକ ସ୍ଥିର ହୋଇଛି । ବୈଠକରେ ଗ୍ରାମ୍ୟ କମିଟିର ଉପଦେଷ୍ଟା, ସମ୍ପାଦକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଗୋଚାଲାଣକୁ ଧରିଲେ ବଜରଙ୍ଗ ଦଳ କର୍ମକର୍ତ୍ତା, ୨ ଗିରଫ

ମୋହନା, ୮।୫ (ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ସଦର ମହକୁମାସ୍ଥିତ ସ୍ଥାନୀୟ ହାଇସ୍କୁଲ ନିକଟରୁ ବୁଧବାର ବିଳମ୍ବିତ ରାତିରେ ଏକ ପିକଅପ ବୋଲେରୋ ଗାଡ଼ି(ଓଡି ୦୭ ଏ ଜି-୧୮୮୩ )ରେ ବେଆଇନ ଭାବେ ହେଉଥିବା ଗୋଚାଲାଣକୁ ବଜରଙ୍ଗ ଦଳ କର୍ମକର୍ତ୍ତାମାନେ ଧରିଛନ୍ତି। ବୋଲେରୋରେ ୧୦ଟି ଗୋରୁ ଥିଲେ। ଉଦ୍ଧାର ଗୋରୁଙ୍କୁ ସେମାନେ ଗୁରୁବାର ମୋହନା ଥାନା ଜିମା ଦେଇଛନ୍ତି। ଖବରରୁ ଜଣାପଡିଛି, ଗଞ୍ଜାମ ଜିଲାର ଏହି ଗାଡ଼ିଟି ଗୋରୁ ବୋଝେଇ କରି ଆଣି ବିଳମ୍ବିତ ରାତିରେ ମୋହନା ହାଇସ୍କୁଲ ଛକରେ ରହିଥିଲା। ବଜରଙ୍ଗ ଦଳର କେତେ ଜଣ ସଦସ୍ୟ ଏହା ଦେଖି ଗୋରୁଙ୍କ ସମ୍ପର୍କରେ ଡ୍ରାଇଭରଙ୍କୁ ପଚାରିଥିଲେ। ମାତ୍ର ଡ୍ରାଇଭର ଜଣକ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ପରେ ଏନେଇ ସନ୍ଦେହ ହେବାରୁ ଗୋରୁ ବୋଝେଇ ପିକଅପ ଗାଡିକୁ ବଜରଙ୍ଗ ଦଳର ସଦସ୍ୟମାନେ ରାତିସାରା ଅଟକ ରଖିଥିଲେ। ସକାଳୁ ଏହାକୁ ମୋହନା ଥାନା ଜିମା ଦେବା ସହ କର୍ମକର୍ତ୍ତାମାନେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ନଂ. ୬୫/୨୫ରେ ଏକ ମାମଲା ରୁଜୁ କରି ଡ୍ରାଇଭର, ହେଲପରଙ୍କୁ ଗିରଫ କରିଛି। ଏହାର ଅଧିକ ତଦନ୍ତ ଜାରିଥିବା ଥାନା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସନ୍ଧ୍ୟାରେ ପୋଲିସ ଉଦ୍ଧାର ଗୋରୁଙ୍କୁ ନେଇ ଗଞ୍ଜାମ ଜିଲାର ମଉଳାଭଞ୍ଜାସ୍ଥିତ ଶ୍ରୀକୃଷ୍ଣ ଗୋଶାଳାରେ ଛାଡି ଆସିଥିବା ଜଣାପଡିଛି।



ଜବତ ଗୋଚାଲାଣ କରୁଥିବା ଗାଡ଼ି।

# ଗଛରୁ ପୋଷ୍ଟର, କଣ୍ଟା ହଟେଇଲା ବନ ବିଭାଗ

## ଧରିତ୍ରୀ ପ୍ରଭାବ

ଦାରିଙ୍ଗବାଡି,୮।୫ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବନାଞ୍ଚଳର ଜାତୀୟ ରାଜପଥ ସମେତ ବିଭିନ୍ନ ସ୍ଥାନରେ ବଡ଼ବଡ଼ ଗଛରେ ବ୍ୟାନର, ପୋଷ୍ଟର ଲଗାଇବାକୁ କଣ୍ଟାପିଟା ଯାଉଛି। ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ ପକ୍ଷରୁ ନିଜର ପ୍ରଚାର ପ୍ରସାର ପାଇଁ ଏଭଳି କରାଯାଉଥିବା ନେଇ ଧରିତ୍ରୀରେ ପ୍ରକାଶ ପରେ ଦାରିଙ୍ଗବାଡ଼ି ବଜାରରୁ ଗଛରୁ କଣ୍ଟା ବାହାର କରିବା କାର୍ଯ୍ୟ ବନ ବିଭାଗ ଆରମ୍ଭ କରିଛି। ଦାରିଙ୍ଗବାଡ଼ି ସମେତ ସିମନବାଡ଼ି, ଶ୍ରାନିକେତା, ବୁଢ଼ାଗୁଡ଼ା, କିରିକୁଟି, ବାଡ଼ାବାଙ୍ଗା ଆଦି ଅଞ୍ଚଳରେ ରହିଥିବା ଶହଶହ ଗଛରେ ବ୍ୟାନର, ପୋଷ୍ଟର ପାଇଁ କଣ୍ଟା ପିଟା ଯାଇଛି। ଏହି ସବୁକୁ ହଟେଇବା ସହ ଯେଉଁମାନେ ଏଭଳି କଣ୍ଟା ପିଟୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ରାମଚଣ୍ଡୀ ମନ୍ଦିରର ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଚିହ୍ନଟ

ଛତ୍ରପୁର,୮।୫
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ଉପକଣ୍ଠ ଆଲିଆବାଦ ମୌଜାର ନୀଳାଦ୍ରିପୁର ଗ୍ରାମରେ ମା' ରାମଚଣ୍ଡୀଙ୍କ ପାହାଡ ପାଦଦେଶରେ ଥିବା ସରକାରୀ ଜମିକୁ ପ୍ରଶାସନ ଚିହ୍ନଟ କରିଛି । ଗୁରୁବାର ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଚିହ୍ନଟ ହୋଇଥିବା ଗଞ୍ଜାମ ରାଜସ୍ୱ ନିରୀକ୍ଷକ ସୀତାରାମ ସାହୁ ଓ ଅମିନ ଲାଲକ୍ରିଷ୍ଣା ଦାସ କହିଛନ୍ତି। ଜମି ଚିହ୍ନଟ ବେଳେ ମା' ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ, କମିଟି ଓ ଗ୍ରାମବାସୀଙ୍କ ତରଫରୁ ପରିଚାଳନା କମିଟି ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ୧୫ ଜଣିଆ କମିଟି ଉପସ୍ଥିତ ଥିଲେ । ସରକାରଙ୍କ ତରଫରୁ ଆସିଥିବା ଅନୁଦାନ ଓ ଟ୍ରଷ୍ଟ ସହଯୋଗରେ ମନ୍ଦିର ପାଇଁ ନାମମଣ୍ଡପ, ବୃଦ୍ଧାଶ୍ରମ, ପରିବା ହାଟ ଓ ଫୁଲ ବଗିଚା କରାଯିବା ପାଇଁ ଜମି ଚିହ୍ନଟ କରାଯାଇଥିଲା । ଆଗାମୀ ଦିନରେ ଉକ୍ତ ଜମିରେ ବିଧାୟକ ଓ ଏମପି ପାଣ୍ଠିରୁ ଆସିଥିବା ବିଭିନ୍ନ ପ୍ରକଳ୍ପ କରାଯିବ, ଯାହା ସେହି ଅଞ୍ଚଳର ଯୁବପିଢ଼ିଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି କରିବାରେ ସହାୟକ ହେବ ।

# ଶ୍ରୀଜଗନ୍ନାଥ ଡିଗ୍ରୀ କଲେଜ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ରମ୍ଭା,୮।୫(ବନବାସୀ ସେଠୀ)

ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ଯୁକ୍ତ ୩ ଷଷ୍ଠ ସେମିଷ୍ଟର କଳା ବିଷୟ ଅନ୍ତର୍ଗତ ଓଡ଼ିଆ ସମ୍ମାନ ଓ ଇତିହାସ ସମ୍ମାନ ବିଭାଗର ଫଳାଫଳରେ ବିଦ୍ୟାର୍ଥୀଙ୍କ କୃତିତ୍ୱ ହୋଇଥିବା ରମ୍ଭା ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ଉତ୍ସାହ ଦେଖାଦେଇଛି। ଓଡ଼ିଆ ସମ୍ମାନ ବିଭାଗର ଶେଷ ବର୍ଷ ଛାତ୍ରୀ ଅନିମା ନାଥ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଇତିହାସ ସମ୍ମାନ ବିଭାଗର ଛାତ୍ରୀ ସ୍ମୃତିପ୍ରଭା ନାହାକ ଷଷ୍ଠ ସ୍ଥାନ ଓ ଶ୍ରାବଣୀ ନାହାକ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ନେତୃତ୍ୱ ଓ ଅଧ୍ୟାପିକା ଓ ଅଧ୍ୟାପକଙ୍କ ଗୁଣାତ୍ମକ ଶିକ୍ଷାଦାନ ଏହି ସଫଳତାର କାରଣ ବୋଲି ଅଭିଭାବକ ମହଲରେ ଚର୍ଚ୍ଚା ହେଉଛି। ଏହି ସଫଳତାରେ ଅଧ୍ୟକ୍ଷ ଅଭିମନ୍ୟୁ ସାହୁ ସମସ୍ତ କୃତି ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଆ ବିଭାଗର ଅଧ୍ୟାପକ ଡ଼. ଭାସ୍କର ଚନ୍ଦ୍ର ମୁଦୁଲି, ଅଧ୍ୟାପିକା ଡ଼.ସାଗରୀକା ମହାପାତ୍ର, ଇତିହାସ ବିଭାଗ ଅଧ୍ୟାପକ ହେମନ୍ତ ଦାଶ ଓ ଅଧ୍ୟାପକ ରଞ୍ଜିତ ପାଣିଗ୍ରାହୀ ଖୁସି ଅନୁଭବ କରିଛନ୍ତି।

# ପାରଳା ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅତିଥି।

ପାରଳାଖେମୁଣ୍ଡି,୮।୫
(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡିସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପାରଳାର ପ୍ରସିଦ୍ଧ ରଥଯାତ୍ରା ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଉପଜିଲାପାଳ ଅନୁପ ପଣ୍ଡା, ଉପଖଣ୍ଡ ପୋଲିସ ଅଧିକାରୀ ମାଧବାନନ୍ଦ ନାୟକ, ତହସିଲଦାର ନାରାୟଣ ବେହେରା, ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଉପଜିଲାପାଳ ପଣ୍ଡା ସ୍ୱାଗତ ସୂଚନା ଦେଇ ପୂର୍ବବର୍ଷର ଆଦାୟ ଓ ଖର୍ଚ୍ଚ ବିବରଣୀ ଦେଇଥିଲେ। ବୈଠକରେ ରଥ ନିର୍ମାଣ ଓ ମରାମତି ସମ୍ପର୍କରେ ଆଲୋଚନା ହୋଇଥିଲା। କେଉଁଠାରୁ କାଠ ଆସିବ ଏବଂ କେତେ ପରିମାଣର ନୂତନ କାଠ ଆବଶ୍ୟକ ରହିଛି ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅସ୍ଥାୟୀ ଦୋକାନ ବ୍ୟବସ୍ଥା ଓ ମୀନା ବଜାର ପାଇଁ ସ୍ଥାନ ନିରୂପଣ ଏବଂ ନିଲାମ ବିଷୟରେ ଆଲୋଚନା ହୋଇଥିଲା। ଯାତ୍ରାବେଳେ ଶୃଙ୍ଖଳା ଭୋଗ ଓ ଅନ୍ନଭୋଗ ବିଷୟରେ ଆଲୋଚନା ହୋଇ ଏହାର ଦାୟିତ୍ୱ ଓ ଏଥିପାଇଁ କେତେ ଅର୍ଥ ଖର୍ଚ୍ଚ ହେବ ସେ ବିଷୟରେ କମିଟି ସଦସ୍ୟ ଓ ଉପସ୍ଥିତ ବ୍ୟକ୍ତିଙ୍କ ମଧ୍ୟରେ ଆଲୋଚନା ହୋଇ ବିବରଣୀ ପ୍ରସ୍ତୁତ କରାଯାଇଥିଲା । ରଥଯାତ୍ରାରେ ଜନସମାଗମକୁ ଦୃଷ୍ଟିରେ ରଖି ସହରର ପରିମଳ ବ୍ୟବସ୍ଥା ଓ ପାନୀୟ ଜଳ ବ୍ୟବସ୍ଥା, ଆମ୍ବୁଲାନ୍ସ ଓ ଅଗ୍ନିଶମ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ବିଦ୍ୟୁତ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଉପରେ ଆଲୋଚନା ହୋଇଥିଲା । ରଥଯାତ୍ରା ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ କିପରି ପଦକ୍ଷେପ ଗ୍ରହଣ କରାଯିବ ସେ ନେଇ ଆଲୋଚନା ହୋଇଥିଲା ।

# ବୁଗୁଡ଼ା ପିପୁଲ୍ସ କଲେଜରେ ନାଗସାପ

ଭଞ୍ଜନଗର/ବୁଗୁଡ଼ା,୮।୫
(ବାବୁଲା ପ୍ରଧାନ/କାଳୀ ଚରଣ ଦାସ)

ଗ୍ରୀଷ୍ମ ଛୁଟିଯୋଗୁ କଲେଜ ଏବଂ ସ୍କୁଲଗୁଡ଼ିକ ବର୍ତ୍ତମାନ ବନ୍ଦ ରହିଛି। ଅଧ୍ୟାପକ ଏବଂ ଶିକ୍ଷକମାନେ ରୋଷ୍ଟର ଡ୍ୟୁଟିରେ ଆସି ଅଫିସ କିମ୍ବା କମନ ରୁମରେ ବସୁଛନ୍ତି। ଶ୍ରେଣୀ ଗୃହଗୁଡ଼ିକ ବନ୍ଦ ଯୋଗୁ କେଉଁଠି କ୍ଲାସ ରୁମ ଉଇ ଧରିଲାଣିତ ଆଉ କେଉଁଠି ସାପ ପଶିଲାଣି। ଗୁରୁବାର ବିଶ୍ୱ ରେଡକ୍ରସ ଦିବସ ପାଇଁ ଭଞ୍ଜନଗର ଅଞ୍ଚଳର ଅନେକ କଲେଜର କେତେକ କ୍ଲାସ ରୁମ ଖୋଲିଥିଲା। ସେହିଭଳି ବୁଗୁଡ଼ା ପିପୁଲ୍ସ କଲେଜ ମଧ୍ୟ ରେଡକ୍ରସ ଦିବସ ପାଳନ ପାଇଁ ଖୋଲିଥିଲା। ଏହି ସମୟରେ ଏକ ନାଗସାପ ରାଜନୀତି ବିଜ୍ଞାନ ବିଭାଗ କ୍ଲାସ ରୁମ ଭିତରେ ପଶି ଯାଇଥିଲା। ସେଠାରେ ଉପସ୍ଥିତ ଛାତ୍ରୀଛାତ୍ର ଏନେଇ ଅଧ୍ୟକ୍ଷ ହରେକୃଷ୍ଣ ନାୟକଙ୍କୁ ଜଣାଇଥିଲେ। ଅଧ୍ୟକ୍ଷ ଏହା ବିଭାଗୀୟ ମୁଖ୍ୟ ଅକ୍ଷୟ ସାହୁଙ୍କୁ ଜଣାଇବାରୁ ସେ ସାପଧରାଳିଙ୍କୁ ଖବର ଦେଇଥିଲେ। ସମ୍ପୃକ୍ତ କ୍ଲାସରୁମ୍ କବାଟ ଖୋଲିବା ପରେ ସାପ ଧରାଳି ସାପଟିକୁ ଧରି ନେଇଥିଲେ। ପରେ ସାପକୁ ଜଙ୍ଗଲରେ ଛଡ଼ାଯାଇଛି।



ଧରା ହୋଇଥିବା ନାଗ ସାପ।

# ବିଶ୍ୱ ରେଡକ୍ରସ ଦିବସ ପାଳିତ

ଆସିକା,୮।୫(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଗୁରୁବାର ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦକ୍ଷିଣ ଓଡିଶା ଯୁବ ରେଡକ୍ରସ ଶାଖାର ଉପଦେଷ୍ଟା ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ବି ଗୋବିନ୍ଦ ରାଓ ମୁଖ୍ୟଅତିଥି ଏବଂ ମେଜର ଡ. ଶଙ୍କର ପ୍ରସାଦ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଯୁବ ରେଡକ୍ରସ ଉପଦେଷ୍ଟା ଡ. ଅଜିତ କୁମାର ମୁନି ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଯୁବ ରେଡ ରିବନ କ୍ଲବର ଉପଦେଷ୍ଟା ଅଧ୍ୟାପକ ରାଜେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ଅତିଥି ରେଡକ୍ରସର ପୃଷ୍ଟପୋଷକ ସାର୍ ଜିନ ହେନରି ଡ୍ୟୁନଟଙ୍କ ସାଇଫ୍ରାନସିସକୋ ଯୁଦ୍ଧ ସମୟରେ କ୍ଷତବିକ୍ଷତ ସୈନିକଙ୍କୁ ସେବା ଶୁଶ୍ରୂଷାର ଆଲୋଚନା କରି ସେ ସେବା ଓ ମାନବିକତାର ପ୍ରତିକ ଥିଲେ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଅଧିକାରୀ ମାନବ ସେବା ମାଧ୍ୟମରେ ନିଜର ବ୍ୟକ୍ତିତ୍ୱକୁ ବିକଶିତ କରିବା ଲାଗି ଯୁବରେଡକ୍ରସ ସ୍ୱେଚ୍ଛାସେବୀ ସଂକଳ୍ପବଦ୍ଧ ହେବା ଲାଗି ଆହ୍ୱାନ ଦେଇଥିଲେ । ଏହି ଅବସରରେ ମହାବିଦ୍ୟାଳୟ ଯୁବ ରେଡକ୍ରସ ଶାଖାର ଶୀର୍ଷ ସ୍ୱେଚ୍ଛାସେବିକା ଶୁଭଶ୍ରୀ ପଟ୍ଟନାୟକ ଓ ସ୍ୱେଚ୍ଛାସେବକ ଭାବେ ଛାତ୍ର ପବନ କୁମାର ପଟ୍ଟନାୟକଙ୍କ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା।

# ବିଶ୍ୱ ରେଡକ୍ରସ୍ ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଫୁଲବାଣୀ,୮।୫(ରାକେଶ କୁମାର ରାଉତ)

ବିଶ୍ୱ ରେଡକ୍ରସ ଦିବସ ପାଳନ ଅବସରରେ ଜିଲାପାଳଙ୍କ ସଦଭାବନା ସଭା ଗୃହରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ଜେନା, କୁଶଳଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଉପଜିଲାପାଳ ଭିକାରୀ ସାହୁ ଯୋଗ ଦେଇ ରେଡକ୍ରସର ପ୍ରାରମ୍ଭଠାରୁ ଏଯାଏ ବିଭିନ୍ନ ଜନସେବାମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଜିଲା ରେଡକ୍ରସ ସମ୍ପାଦକ ରଞ୍ଜନ ମାଝୀ ପରିଚାଳନା କରିଥିଲେ। ଚଳିତ ବର୍ଷ ଜିଲା ରେଡକ୍ରସକୁ ସର୍ବାଧିକ ଆର୍ଥିକ ଅନୁଦାନ ଦେଇଥିବା ଜିଲା ବେସାମରିକ ଖାଉଟି ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ରଙ୍କୁ ପ୍ରଥମ ପୁରସ୍କାର, ଜିଲା ଅବକାରୀ ଅଧୀକ୍ଷକ ସୁଶାନ୍ତ ପାଢୀଙ୍କୁ ଦ୍ୱିତୀୟ ଏବଂ ଜିଲା ଜୁଡିସିଆଲ ଅଧିକାରୀ ଅନୁପମ ଆଚାର୍ଯ୍ୟଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି। ପରେ ସ୍ୱେଚ୍ଛାକୃତ ରକ୍ତଦାନ ଆରମ୍ଭ ହୋଇଥିଲା। ଏଥିରେ ଜିଲା ଯୋଗାଣ ଅଧିକାରୀ ମିଶ୍ର, ବିଡିଓ ସୌମ୍ୟରଞ୍ଜନ ପାତ୍ର, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ସମେତ ଅନେକ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ବରିଷ୍ଠ ରକ୍ତଦାତା ପ୍ରଶାନ୍ତ ବେହେରା, ରକ୍ତଭଣ୍ଡାର ଅଧିକାରୀ ଡା.ଜୟଦୀପ ଘୋଷ, ସୁଜିତ ସାହୁ, ପ୍ରଶାନ୍ତ ରତ୍ନାଲୁ, ରଶ୍ମିତା ନାୟକ ଓ ବରୁଣ ବେହେରା ରକ୍ତ ସଂଗ୍ରହ କରିଥିଲେ। ସମୁଦାୟ ୬୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।




ଅତିଥିମାନେ ଆର୍ଥିକ ଅନୁଦାନ ଦେଇଥିବା ଜଣେ ବ୍ୟକ୍ତିଙ୍କୁ ପୁରସ୍କୃତ କରୁଛନ୍ତି।

# କଳିଙ୍ଗା ଘାଟିରେ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ

ଭଞ୍ଜନଗର,୮।୫(ବାବୁଲା ପ୍ରଧାନ)

ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ ଥିବା କଳିଙ୍ଗା ଘାଟିରେ ଗୁରୁବାର ଅପରାହ୍ନରେ ଏକ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଟ୍ୟାଙ୍କର ଚାଳକ ଆହତ ହୋଇଛନ୍ତି। ତାଙ୍କୁ ଭଞ୍ଜନଗର ହସ୍ପିଟାଲକୁ ନିଆଯାଇଛି। ଖବରପାଇ ଭଞ୍ଜନଗର ଏବଂ ଜି. ଉଦୟଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ପ୍ରାଥମିକ ସୂଚନା ଅନୁସାରେ ଟ୍ୟାଙ୍କରଟି ଫୁଲବାଣୀ ଆଡୁ ଆସୁଥିବା ବେଳେ କଳିଙ୍ଗା ଘାଟିରେ ଚାଳକ ଭାରସାମ୍ୟ ହରାଇବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ଏକ ହୋଇ କାମ କଲେ ବହୁତ ଲୋକଙ୍କ ଜୀବନ ବଞ୍ଚାଇପାରିବା

## ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ

ପାରଳାଖେମୁଣ୍ଡି,୮।୫ (ଗିରିଧାରୀ ପରିଛା)

ଜିଲାସ୍ତରୀୟ ବିଶ୍ୱ ରେଡ୍କ୍ରସ ଦିବସ ଗୁରୁବାର ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ପାଳିତ ହୋଇଯାଇଛି। ଜିଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ଫାଲଗୁନି ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ଜିଲା ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ବିଶ୍ୱ ରେଡ୍କ୍ରସ ଦିବସ ଉପରେ ଆଲୋକପାତ କରିଥିଲେ। ପୃଥିବୀର କୋଣ ଅଣ୍ଟୁକୋଣରେ ରେଡ୍କ୍ରସ କାମ କରୁଛି ଏବଂ ଜଣକର ଅନ୍ୟଜଣକ ପ୍ରତି ଆଦର ଓ ସାହାଯ୍ୟ କରିବାର ମନୋବୃତ୍ତି ରହିବା ଉଚିତ। ସମସ୍ତେ ଏକ ହୋଇ କାମ କଲେ ଆମେ ବହୁତ ଲୋକଙ୍କୁ ସାହାଯ୍ୟ କରିବା ସହ ବହୁତ ଲୋକଙ୍କ ଜୀବନ ବଞ୍ଚାଇପାରିବା ବୋଲି ଜିଲାପାଳ କହିଥିଲେ।

ଏହି ଅବସରରେ ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ରେଡକ୍ରସ ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଏହି ପଦଯାତ୍ରାକୁ ଅତିରିକ୍ତ ଜିଲାପାଳ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ରକ୍ତ ଭଣ୍ଡାରଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସେହିପରି ଜିଲାରେ ରେଡକ୍ରସ ବିଭାଗକୁ ସର୍ବାଧିକ ଆୟ ଯୋଗାଇଥିବା ଅଧିକାରୀ, ବ୍ୟକ୍ତି ବିଶେଷ ଓ ଆଜୀବନ ସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

